ବର୍ଷ-୨୫, ସଂଖ୍ୟା-୮୫
ଭୁବନେଶ୍ୱର
୨୮, ମାର୍ଚ୍ଚ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 85
Bhubaneswar
28 March, 2025, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଐଶ୍ୱର୍ଯ୍ୟାଙ୍କ କାରକୁ ଧକ୍କା ଦେଲା ବସ୍



## କମ୍ପିଲା ଲୋୟର ପିଏମଜି

# କଂଗ୍ରେସର ରଣହୁଙ୍କାର







ଭୁବନେଶ୍ୱର, ୨୭।୩(ମହାଭାରତ) ଓଡ଼ିଶା ରାଜନୀତି ହେଉ ଅବା ବିଧାନସଭା ଇତିହାସ କଥା ହେଉ, ଯାହା କେବେ ଘଟିନଥିଲା ତାହା ଏବେ ଘଟୁଛି। ଗୃହରେ କଂଗ୍ରେସର ଗର୍ଜନ, ରାଜରାସ୍ତାରେ କଂଗ୍ରେସର ରଣହୁଙ୍କାର ରାଜ୍ୟ ରାଜନୀତିରେ ସୃଷ୍ଟି କରିଛି କମ୍ପନ। ଶାସକ ଦଳ ଉପରେ ଭାରିପଡ଼ିଛି 'ହାତ'। କଂଗ୍ରେସର ସମସ୍ତ ବିଧାୟକଙ୍କୁ ନିଲମ୍ବନ କରାଯାଇଥିଲେ ବି ଅହୋରାତ୍ର ଅନଶନ ସହ ରାସ୍ତାରେ ଧାରଣା ଦେଇ ଶୋଇବା ଭଳି ଚିତ୍ର ଦେଖୁଛନ୍ତି ରାଜ୍ୟବାସୀ। କଂଗ୍ରେସର ଏପରି ରଣହୁଙ୍କାର ସହ ଶାଣିତ ଭାବେ ସ୍ୱର ମିଳାଇଛି ବିଜେଡି। ରାଜନୀତି ସମୀକ୍ଷକଙ୍କ ମତ, ବୋଧହୁଏ ଦଶନ୍ଧି ତଳର ପୁରୁଣା କଂଗ୍ରେସ ଫେରିଆସିଛି, ଲାଗୁଛି କଂଗ୍ରେସର ପୁନର୍ଜନ୍ମ ହୋଇଛି। କାରଣ ଆଜି ସେମିତି କିଛି ରାଜଧାନୀରେ ଦେଖିବାକୁ ମିଳିଛି ଯାହା ପୁରୁଣା କଂଗ୍ରେସ ଟିମରେ ଦେଖିବାକୁ ମିଳୁଥିଲା।

ରାଜଧାନୀ ରାଜରାସ୍ତାରେ ଉଗ୍ର ରୂପ ଧାରଣ କରିଛି କଂଗ୍ରେସ। ନାରୀ ନିର୍ଯାତନା ବୃଦ୍ଧି ପ୍ରତିବାଦରେ ହଜାର ହଜାର କଂଗ୍ରେସ ନେତା ଓ କର୍ମୀ ବିଧାନସଭା ଘେରାଉ ପାଇଁ ପଦଯାତ୍ରା କରିଛନ୍ତି। କଂଗ୍ରେସର ବିଧାନସଭା ଘେରାଉବେଳେ ଲୋୟର ପିଏମଜି ପାଲଟିଛି ରଣକ୍ଷେତ୍ର। ୧୬୩ ଧାରା ଭାଙ୍ଗିବାକୁ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରଥମେ ଧସ୍ତାଧସ୍ତି ହୋଇଥିଲା। କଂଗ୍ରେସ କର୍ମୀ ବ୍ୟାରିକେଡ୍ ଭାଙ୍ଗିବା ସହ ପୁଲିସ ସହ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଛି। ବ୍ୟାରିକେଡ୍ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କରିଛନ୍ତି କଂଗ୍ରେସ ନେତା ଓ କର୍ମୀ। କଂଗ୍ରେସ କର୍ମୀଙ୍କୁ ରୋକିବାକୁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଛି। କଂଗ୍ରେସ କର୍ମୀଙ୍କ ଉପରେ ଲାଠି ଚାର୍ଜ କରିବାସହ ପାଣି ମାଡ଼ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଛି ପୁଲିସ। ଲୋୟର ପିଏମଜିରେ ଚେୟାର ଫିଙ୍ଗା ସହ ଟେକା ପଥର ମାଡ଼ ହୋଇଛି। ଏଥିରେ ଅନେକ କଂଗ୍ରେସ କର୍ମୀଙ୍କ ସହ ଏକାଧିକ ପୁଲିସ କର୍ମଚାରୀ ଓ ଖବର ପ୍ରସାରଣ ପାଇଁ ଯାଇଥିବା ସାମ୍ବାଦିକ ମଧ୍ୟ ଆହତ ହୋଇଛନ୍ତି। ଉତ୍ୟକ୍ତ କର୍ମୀମାନେ ପୁଲିସକୁ ଅଣ୍ଡା ମାଡ଼ କରିଛନ୍ତି। ଅପରପକ୍ଷେ କଂଗ୍ରେସର କେତେକ ତୁଙ୍ଗ ନେତାଙ୍କୁ ପୁଲିସ ଉଠାଇ ନେଇଥିବା ଜଣାପଡ଼ିଛି। କଂଗ୍ରେସ କର୍ମୀଙ୍କର ଆକ୍ରମଣରେ ୧୫ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେହିପରି କିଛି ସାମ୍ବାଦିକ ମଧ୍ୟ ଆକ୍ରମଣ ଯୋଗୁଁ ଆଘାତ ପାଇଛନ୍ତି। ଆହତ ପୁଲିସ କର୍ମୀ ଓ ସାମ୍ବାଦିକଙ୍କୁ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂହ ଭେଟିଛନ୍ତି।

ଉତ୍ତେଜିତ କଂଗ୍ରେସ କର୍ମୀଙ୍କ ବିରୋଧରେ କମିସନରେଟ୍ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ବାଧ ହୋଇ ପୁଲିସ ଲାଠିଚାର୍ଜ କରିଥିଲା। ସ୍ଥିତି ଅଣାୟତ୍ତ ହେବାରୁ କଂଗ୍ରେସ କର୍ମୀଙ୍କୁ ଘଉଡ଼ାଇବାକୁ ପୁଲିସ ପ୍ରଥମେ ପାଣିମାଡ଼ କରିଥିଲା ଓ ପରେ ଲୁହବୁହା ଗ୍ରାସ୍ ପ୍ରୟୋଗ କରିଥିଲା। ପୂରା ଖଣ୍ଡ ଯୁଦ୍ଧ ଦେଖିବାକୁ ମିଳିଥିଲା। କଂଗ୍ରେସ କର୍ମୀଙ୍କୁ ପୁଲିସ ଗୋଡ଼ାଇ ଗୋଡ଼ାଇ ପିଟିଥିଲା। ଦେଖିବାକୁ ଗଲେ କଂଗ୍ରେସ କର୍ମୀ ଶୁଣିବା ପରିସ୍ଥିତିରେ ନଥିଲେ। ଫଳରେ ଅନେକ କଂଗ୍ରେସ କର୍ମୀ ଆହତ ହୋଇଥିଲେ। ଆହତ କର୍ମୀମାନଙ୍କୁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆଉ ୮ ସହରରେ ଗଡ଼ିବ ଆମ ବସ

ଭୁବନେଶ୍ୱର, ୨୭।୩(ମହାଭାରତ): କ୍ୟାପିଟାଲ ରିଜିନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ)ର ୪୯ତମ ବୋର୍ଡ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆଉ ୮ ସହରକୁ ଆମ ବସ ସେବା ଯୋଗାଇ ଦିଆଯିବ



ବୋଲି ସୂଚନା ମିଳିଛି। ଅନୁଗୋଳ, ଝାରସୁଗୁଡ଼ା, ଯାଜପୁର, କେନ୍ଦୁଝର, ବାରିପଦା, ଜୟପୁର, ବାଲେଶ୍ୱର ଓ ରାୟଗଡ଼ାରେ ଆମ ବସ ଗଡ଼ିବ। ଏହାସହ ଯାତ୍ରୀଙ୍କ ଉତ୍ତମ ସେବା ଓ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦିଆଯିବ ପ୍ରତ୍ୟେକ ସହରରେ ପାସ ବ୍ୟବସ୍ଥା କରାଯିବ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା କ୍ୟାପ୍ଟେନ, ଗାଇଡ୍‌କୁ ମିଳିବ ସ୍ୱୀକୃତି ଏବଂ ସମ୍ମାନ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ଉନ୍ନୟନ କମିଶନର ଏବଂ କ୍ରୁଟ ଚେୟାରମ୍ୟାନ ଶ୍ରୀମତି ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏହି ବୋର୍ ସମୀକ୍ଷା ବୈଠକ ହୋଇଥିଲା ବୈଠକରେ ରାଜ୍ୟରେ ସହରାଞ୍ଚଳ ପରିବହନକୁ ଅଧିକ ବୃଦ୍ଧି କରିବାକୁ ପ୍ରମୁଖ ରଣନୀତି ଉପରେ ଆଲୋଚନା ହୋଇଛି ଏଥିରେ ଯାତ୍ରୀମାନଙ୍କ ପ୍ରତି ଉତ୍ତମ ସୁରକ୍ଷା ଏବଂ ଗୁଣବତ୍ତା ସେବା ଉପରେ ଅଧିକ ଗୁରୁ ଦିଆଯିବା ସହିତ କ୍ରୁଟ୍‌ର କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋଚନା ଏବଂ ସମୀକ୍ଷା ହୋଇଛି

## ଓଡ଼ିଶାରେ ହସ୍ପିଟାଲ, ସ୍କୁଲ ଓ ଆଇଟି ପାର୍କ ପାଇଁ ପ୍ରସ୍ତାବ

ଭୁବନେଶ୍ୱର, ୨୭।୩(ମହାଭାରତ): ଆଜି ଗୁଜରାଟ ଖଣିଜ ବିକାଶ ନିଗମ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ରୂପନ୍ତ ସିଂହ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରି ରାଜ୍ୟରେ ଏହାର କୋଇଲା ବ୍ଲକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହିତ ଓଡ଼ିଶାରେ କେତେକ ପ୍ରକଳ୍ପ କରିବା ପାଇଁ ମଧ୍ୟ ପ୍ରସ୍ତାବ ରଖିଛନ୍ତି ।

ବୈଠକରେ ଶ୍ରୀ ସିଂହ ଓଡିଶାରେ ଏକ ଆଧୁନିକ ଚିକିତ୍ସାଳୟ, ଦୁଇଟି ସ୍କୁଲ ଏବଂ ଏକ ଆଇଟି ପାର୍କ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବରେ ସନ୍ତୋଷ ପ୍ରକାଶ କରି ଏହା ରାଜ୍ୟର ବିକାଶରେ ସହାୟକ ହେବ ବୋଲି ମତ ଦେଇଥିଲେ । ଏହି ପ୍ରସ୍ତାବ ଗୁଡିକ



ସମ୍ପର୍କରେ ଆଗାମୀ ଦିନରେ ଆହୁରି ଆଲୋଚନା କରାଯିବ ବୋଲି ବୈଠକରୁ ଜଣାଯାଇଛି । ସୂଚନାଯୋଗ୍ୟଯେ, ଗୁଜରାଟ ଖଣିଜ ବିକାଶ ନିଗମ ଲିମିଟେଡ଼, ବୈତରଣୀ ଷ୍ଟେ ଓ ବୁରାପାହାଡ଼ କୋଇଲା ବ୍ଲକ ପରିଚାଳନାର ଦାୟିତ୍ୱ ନେଇଛି। ବୈଠକରେ ଏହି ଦୁଇଟି ବ୍ଲକର ବର୍ତ୍ତମାନ ସ୍ଥିତି, ପ୍ରଗତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା।

## ଲେଉଟିଲା ତାତି : ଝାରସୁଗୁଡ଼ା ୪୧.୪

ଭୁବନେଶ୍ୱର, ୨୭।୩(ମହାଭାରତ): କିଛି ଦିନର ବ୍ୟବଧାନ ପରେ ଲେଉଟିଛି ତାତି। କାଳବୈଶାଖୀ ପ୍ରଭାବରେ ଗତ କିଛି ଦିନ ହେବ ତାପମାତ୍ରାରେ ହ୍ରାସ ଘଟିଥିଲା। ତେବେ ଗୁରୁବାର ପୁଣି ଥରେ ରାଜ୍ୟର ବିଭିନ୍ନ ସହରରେ ଗ୍ରୀଷ୍ମର ପ୍ରକୋପ ଅନୁଭବ ହୋଇଛି। ଆଜି ଝାରସୁଗୁଡ଼ା ରେ ସର୍ବାଧିକ ତାପମାତ୍ରା ୪୧.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ରାଜଧାନୀରେ ତାତି ୩୮ଡ଼ିଗ୍ରୀ ଅତିକ୍ରମ କରିଛି। ଗୁରୁବାର ଭୁବନେଶ୍ୱର ରେ ସର୍ବୋଚ୍ଚ ତାପମାତ୍ରା ୩୮.୮ ଡିଗ୍ରୀ ରେକର୍ଡ ହୋଇଛି। ଏହା ବ୍ୟତୀତ ସମ୍ବଲପୁରରେ ୪୦ ଡିଗ୍ରୀ, ହୀରାକୁଦ ୪୦.୧ଡିଗ୍ରୀ, ରାଉରକେଲା ୩୯.୪ ଡିଗ୍ରୀ, ଚାନ୍ଦବାଲି ୩୮.୮ ଡିଗ୍ରୀ ଓ କେନ୍ଦୁଝରରେ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆଗକୁ ତାପମାତ୍ରା ଆହୁରି ବଢ଼ିବ ବୋଲି ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ଆଗାମୀ ୩ ଦିନ ଓ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। କାଲି ସମ୍ବଲପୁର ଏବଂ ବୌଦ୍ଧ ଜିଲ୍ଲାରେ ହିଟ୍‌ୱେଭ୍ ନେଇ । ଲୋ ଓ୍ୱର୍ଣ୍ଣିଂ ଜାରି ହୋଇଛି । ୨୯ ତାରିଖରେ ୬ ଜିଲ୍ଲା ଏବଂ ୩୦ ତାରିଖରେ ୮ ଜିଲ୍ଲାକୁ ହିଟୱେଭ୍ ନେଇ ସତର୍କ କରିଛି ପାଣିପାଗ କେନ୍ଦ୍ର। ମୁଖ୍ୟତଃ ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରଭାବ ଅଧିକ ରହିବ। ଅଂଶୁଘାତର ଆଶଙ୍କା ଥିବାରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ତେବେ ୩୦ ତାରିଖ ପରେ ୨ ଡିଗ୍ରୀ କମିପାରେ ତାପମାତ୍ରା। ୨ ତାରିଖରୁ ପୁଣି ବର୍ଷା ହେବାର ସମ୍ଭାବନା ଥିବା ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ।

## 'ବର୍ଷେ ଭିତରେ ୨୬୩ ପଡା ଗାଁକୁ ରାଜସ୍ୱ ଗ୍ରାମରେ ପରିବର୍ତନ କରାଯାଇଛି'

ଭୁବନେଶ୍ୱର, ୨୭।୩(ମହାଭାରତ) ବର୍ଷେ ଭିତରେ ୨୬୩ ପଡା ଗାଁକୁ ରାଜସ୍ୱ ଗ୍ରାମରେ ପରିବର୍ତନ କରାଯାଇଛି । ଦୁଷ୍ମନ୍ତ ସ୍ୱାଇଁଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଆଉ ୧୪୭ ପଡା ଗାଁକୁ ରାଜସ୍ୱ ଗାଁ କରିବା ବିଚାରାଧୀନ ଅଛି । ଯାହା ଆସନ୍ତା ଏପ୍ରିଲ ସୁଦ୍ଧା ଚୂଡାନ୍ତ ହେବ । ବର୍ତମାନ ଟେକ୍ନୋଲୋଜି ମାଧ୍ୟମରେ ମ୍ୟାପ ପରିବର୍ତ୍ତନ ଓ ବାଉଣ୍ଡ୍ରି ଡିମାର୍ଗେସନ କରାଯାଉଛି । ଯେଉଁଥିପାଇଁ କାମ ୬ ରୁ ୭ ଦିନରେ ଶେଷ ହେବ । ଯେଉଁ ଗାଁ ରାଜସ୍ୱ ହେବା ଦରକାର, ସେ ନେଇ ଗାଁ ଲୋକେ ତହସିଲଦାରଙ୍କ ମାଧ୍ୟମରେ ଆବେଦନ କରିବାକୁ କହିଛନ୍ତି ମନ୍ତ୍ରୀ । ରାଜସ୍ୱ ଗାଁ ଏକ ସ୍ୱୀକୃତି, ଯେଉଁଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣ ଯୋଜନା ମିଳି ପାରିବ ।

## ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ

ଭୁବନେଶ୍ୱର, ୨୭।୩(ମହାଭାରତ): ଏଣିକି ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ବି ମିଳିବ ମଧ୍ୟାହ୍ନ ଭୋଜନ । ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଦିଆଯିବ ମଧ୍ୟାହ୍ନ ଭୋଜନ। ଏପ୍ରିଲ ୨ ତାରିଖରୁ ଏହି ବ୍ୟବସ୍ଥାର ଆରମ୍ଭ ହେବ। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ଏଥିପାଇଁ ରାଜ୍ୟ ସରକାର ୫୭୦.୭୧ କୋଟି



ଟଙ୍କା ବ୍ୟୟ କରିବେ । ପୂର୍ବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ଦିଆଯାଉଛି ମଧ୍ୟାହ୍ନ ଭୋଜନ। ସେହିପରି ପିଲାଙ୍କୁ ପୁଷ୍ଟିକର ଲଡୁ ସହ ଅଣ୍ଡା ମିଳିବ। ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ୩ଟି ପୁଷ୍ଟିକର ଲଡୁ ସହ ଏକ ଅତିରିକ୍ତ ଅଣ୍ଡା ମିଳିବ । ସୋମବାର, ବୁଧବାର, ଶୁକ୍ରବାର ପିଲାଙ୍କୁ ଅଣ୍ଡା ଦିଆଯିବ। ସେହିପରି ମଙ୍ଗଳବାର, ଗୁରୁବାର, ଶନିବାର ପୋଷଣଯୁକ୍ତ ଲଡୁ ମିଳିବ। ଶିଶୁବାଟିକାଠୁ ଦଶମ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ଏହା ମିଳିବ। ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅନୁସାରେ ପିଲାଙ୍କୁ ଲଡୁ ଓ ଅଣ୍ଡା ମିଳିବ ।

## ଶରଣାର୍ଥୀ ଓ ବିଦେଶୀ ନାଗରିକ ବିଲ୍ ପାରିତ

**ନୂଆଦିଲ୍ଲୀ, ୨୭।୩(ମହାଭାରତ):** ସଂସଦର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି। ଏହି ସମୟରେ, ପ୍ରବାସ ବିଲ ଆଜି (୨୭ ମାର୍ଚ୍ଚ) ଲୋକ ସଭାରେ ଗୃହୀତ ହୋଇଛି। ଅନୁପ୍ରବେଶ ଏବଂ ଅବୈଧ ପ୍ରବାସକୁ ରୋକିବା ଲକ୍ଷ୍ୟରେ ଅଣାଯାଇଥିବା ଏହି ବିଲ୍‌ର ନାମ ହେଉଛି ଇମିଗ୍ରେସନ ଆଣ୍ଡ ଫରେନ ବିଲ୍ ୨୦୨୫(ଅପ୍ରବାସ ଓ ବିଦେଶୀ ବିଧେୟକ)।

ଏହି ବିଲ୍‌ର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଲୋକ ସଭାରେ କହିଥିଲେ ଯେ ଭାରତର ବିକାଶ ପାଇଁ ଆସୁଥିବା ପ୍ରବାସୀମାନଙ୍କୁ ଆମେ ସ୍ୱାଗତ କରୁଛୁ ଶିକ୍ଷା, ବ୍ୟବସାୟ ଏବଂ ଗବେଷଣା ପାଇଁ ଦେଶକୁ ଆସୁଥିବା ଲୋକଙ୍କୁ ଆମେ ସ୍ୱାଗତ କରୁ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଲକ୍ଷ୍ୟ ହେଉଛି ଆମ ଦେଶ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବା ଉଚିତ। ସେଥିପାଇଁ ଆମେ ଅନେକ ପୁରୁଣା ଆଇନକୁ ଉଚ୍ଛେଦ କରିଛୁ। ଅମିତ ଶାହ କହିଛନ୍ତି,





ପ୍ରବାସନ ଏକ ପୃଥକ ପ୍ରସଙ୍ଗ ନୁହେଁ ଦେଶର ଅନେକ ପ୍ରସଙ୍ଗ ଏହା ସହିତ ଜଡିତ ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ, ଦେଶର ସୀମାରେ କିଏ ପ୍ରବେଶ କରେ ତାହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆମେ ଦେଶର ସୁରକ୍ଷାକୁ ବିପଦରେ ପକାଇଥିବା ଲୋକଙ୍କ ଉପରେ ମଧ୍ୟ କଡ଼ା ନଜର ରଖିବୁ।

ଅମିତ ଶାହ ଆହୁରି କହିଛନ୍ତି, ୧୦ ବର୍ଷ ମଧ୍ୟରେ ଆମର ଅର୍ଥନୀତି ୧୧ ନମ୍ବରରୁ ୫ ନମ୍ବରରେ ପହଞ୍ଚିଛି। ଭାରତ ସମଗ୍ର ବିଶ୍ୱର ଅର୍ଥନୀତି ତାଲିକାରେ ଏକ ଉଜ୍ଜ୍ୱଳ ସ୍ଥାନ ଭାବରେ ଉଭା ହୋଇଛି। ଭାରତ ଉତ୍ପାଦନର ଏକ କେନ୍ଦ୍ର ହେବାକୁ ଯାଉଛି ।ଏପରି ପରିସ୍ଥିତିରେ, ସାରା ବିଶ୍ୱରୁ ଲୋକମାନେ ଏଠାକୁ ଆସିବା ସ୍ୱାଭାବିକ। ଅଧ୍ୟକ୍ଷତାରେ ଏହି ବୋର୍ ସମୀକ୍ଷା ବୈଠକ ହୋଇଥିଲା ବୈଠକରେ ରାଜ୍ୟରେ ସହରାଞ୍ଚଳ ପରିବହନକୁ ଅଧିକ ବୃଦ୍ଧି କରିବାକୁ ପ୍ରମୁଖ ରଣନୀତି ଉପରେ ଆଲୋଚନା ହୋଇଛି। ଏଥିରେ ଯାତ୍ରୀମାନଙ୍କ ପ୍ରତି ଉତ୍ତମ ସୁରକ୍ଷା ଏବଂ ଗୁଣବତ୍ତା ସେବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହିତ କ୍ରୁଟ୍‌ର କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋଚନା ଏବଂ ସମୀକ୍ଷା ହୋଇଛି।

ବିଲ୍ ସପକ୍ଷରେ ଯୁକ୍ତି ରଖିବାକୁ ଯାଇ ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଥିଲେ, ଏପରି ଏକ ବିଲ୍ ସମୟର ଆବଶ୍ୟକତା ଅନେକ ଏବଂ ଏପରି ଏକ ବିଲ୍ କୁ ସଂସଦରେ ଆଗତ କରିଥିବାରୁ ସେ କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ଧନ୍ୟବାଦ ଜଣାଉଛନ୍ତି । ଏପରି ଏକ ବିଲ୍ ଜରିଆରେ କେନ୍ଦ୍ର ସରକାର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପନ୍ନ କରିବାକୁ ଯାଉଛନ୍ତି। ପ୍ରାଚୀନ ଗ୍ରନ୍ଥ ତୈତିରୀୟ ଉପନିଷଦ୍ ର ଉକ୍ତି ଅତିଥୀ ଦେବୋ ଭବର ଅବତାରଣା କରିଥିଲେ ସାଂସଦ। ଗୋଟିଏ ପଟେ ଆମକୁ ଆମର ପ୍ରାଚୀନ ପରମ୍ପରାକୁ ନେଇ ଗର୍ବିତ ହେବା ବେଳେ ଅତିଥୀଙ୍କୁ ଆମେ ସମ୍ମାନ ବି କରିଥାଉ। ସେହିପରି ଆମ ଦେଶର ଜାତୀୟ ସୁରକ୍ଷା କରିବା ମଧ୍ୟ ଜରୁରୀ ଆମକୁ ଏହା ସୁନିଶ୍ଚିତ କରିବାକୁ ପଡିଥାଏ, ସେ ଲୋକମାନେ ବୈଧ ଉପାୟରେ ଆସନ୍ତୁ, ଯେଉଁମାନଙ୍କ ଆସିବା ଦ୍ୱାରା, ଯେଉଁମାନଙ୍କ ରହିବା ଦ୍ୱାରା ଆମ ଦେଶର ସଂପତ୍ତି ଓ ସୁରକ୍ଷା ପ୍ରତି ଯେପରି କୌଣସି ନକରାତ୍ମକ ପ୍ରଭାବ ନପଡେ ।

## ବିଧାନସଭାରେ ଗଙ୍ଗା ଜଳ ଛିଞ୍ଚିଲେ ବିଜେଡ଼ି ବିଧାୟକ



ଭୁବନେଶ୍ୱର, ୨୭।୩(ମହାଭାରତ): ବିଧାନସଭାରେ ଅଚଳାବସ୍ଥା ମଧ୍ୟରେ ଗୃହରେ ବିରୋଧୀ କଂଗ୍ରେସ ସଦସ୍ୟଙ୍କ ବିନା ଗୁରୁବାର ପ୍ରଶ୍ନକାଳ ଆରମ୍ଭ ହୋଇଛି। ବିଧାନସଭା ପ୍ରଶ୍ନକାଳ ଆରମ୍ଭ ପୂର୍ବରୁ ବିଜେଡି ସଦସ୍ୟମାନେ ଗଣତନ୍ତ୍ରର ପବିତ୍ର ଗୃହ ବିଧାନସଭାରେ ଗଙ୍ଗା ଜଳ ଛିଞ୍ଚିଛନ୍ତି। ବିଧାନସଭା ଚାରିପଟେ ଗଙ୍ଗାଜଳ ଛିଞ୍ଚି ବିଜେଡି ସଦସ୍ୟମାନେ ପବିତ୍ର କରିଛନ୍ତି।

ବିଧାନସଭାରେ ପୁଲିସ ପଶି ବିଧାୟକଙ୍କ ଉପରେ ଆକ୍ରମଣ କରିଥିଲା। ବିଧାନସଭାରେ କେବେ ପୁଲିସ ପଶି ନଥିଲା କିମ୍ବା ବିଧାୟକଙ୍କ ଉପରକୁ କେବେ ଆକ୍ରମଣ କରି ନଥିଲା। ବିଜେପି ସରକାରଙ୍କ ଅମଳରେ ଏଭଳି ନିନ୍ଦନୀୟ କାର୍ଯ୍ୟ ହୋଇଛି ତେଣୁ ଗଣତନ୍ତ୍ରର ପବିତ୍ର ଗୃହ ଅପବିତ୍ର ହୋଇ ଯାଇଥିବା ବିଜେଡ଼ି ବିଧାୟକମାନେ କହିଛନ୍ତି।

ଗୃହ ମଧ୍ୟରେ ଏପରି ନ କରିବାକୁ ବାଚସ୍ପତି ସୁରମା ପାଢ଼ୀ କହିଥିବାବେଳେ ମନ୍ତ୍ରୀ ସୁରେଶ ପୂଜାରି କହିଥିଲେ, ବିଧାନସଭା ଏକ ପବିତ୍ର ଗୃହ, ଏଠାରେ ଗଙ୍ଗାଜଳ ଛିଞ୍ଚି ପବିତ୍ର କରିବାର କୌଣସି କାରଣ ନାହିଁ। ତେବେ ବିଧାନସଭାରେ ପଶିବା ପୂର୍ବରୁ ବିଜେଡ଼ି ସଦସ୍ୟମାନେ ବିଧାନସଭା ଚାରିପଟେ ମାଟି କଳସରେ ଗଙ୍ଗା ଜଳ ଧରି ଆମ୍ବଡାଳରେ ସିଞ୍ଚନ କରିଛନ୍ତି ।

ପ୍ରଶ୍ନକାଳରେ ବିଜେଡିର କିଛି ବିଧାୟକ ହାତରେ କଳସ ଧରିଗୃହ ମଧ୍ୟରେ ଗଙ୍ଗା ଜଳ ପକେଇଥିଲେ। ବିଜେଡି ବିଧାୟକଙ୍କ ଏଭଳି କାର୍ଯ୍ୟ ଦେଖି ବାଚସ୍ପତି ଅନୁରୋଧ କରିଥିଲେ ଗୃହ ଭିତରକୁ କଳସ ଧରି ନ ଆସିବା ପାଇଁ। ଯାହା ପରେ ବିଜେଡିର ବିଧାୟକ ମାନେ ବାହାରକୁ ଚାଲି ଯାଇଥିଲେ । ଏହାକୁ ବିରୋଧ କରି ରାଜସ୍ୱ ମନ୍ତ୍ରୀ କହିଥିଲେ, ଏହି ଗୃହ ଏକ ସ୍ଥାୟୀ ଓ ପବିତ୍ର ଗୃହ। କୌଣସି କାର୍ଯ୍ୟପକ୍ଷ ହେଉ କି ପ୍ରତିପକ୍ଷ ହେଉ ଏଭଳି କାର୍ଯ୍ୟ ନାହିଁ ଯାହା ଗୃହକୁ ଅପବିତ୍ର କରିବ । ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଠିକଠାକ ହେଉ । ଗୃହ ସେଥିରେ ଲାଭାନିତ୍ୱ ହେବ ।

## ହୋମଗାର୍ଡ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୪ ଲକ୍ଷ ସହାୟତା ଘୋଷଣା

**ଭୁବନେଶ୍ୱର / ଦେବଗଡ଼, ୨୭।୩(ମହାଭାରତ):** ଦେବଗଡ଼ରେ ହୋମଗାର୍ଡ ପାଇଁ ହେଉଥିବା ଶାରିରୀକ ପରୀକ୍ଷା ବେଳେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହିତ ମୁଖ୍ୟମନ୍ତ୍ରୀ ମୃତ ପରୀକ୍ଷାର୍ଥୀଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଉକ୍ତ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ହୋମଗାର୍ଡ ପରୀକ୍ଷା ବେଳେ ଦେବଗଡ଼ରେ ଏକ ଦୁଃଖଦ ଘଟଣା ଘଟିଛି। ଏହି ପରୀକ୍ଷା ପାଇଁ ଦୌଡ଼ିବା ସମୟରେ ଜଣେ ପରୀକ୍ଷାର୍ଥୀ ଅସୁସ୍ଥ ହୋଇ ପଡ଼ିଥିଲେ। ମୃତ ପରୀକ୍ଷାର୍ଥୀ ଜଣକ ହେଲେ ବୁଡ଼ିଦୋ ଗ୍ରାମର ପ୍ରଦୀପ ଦେହୁରୀଙ୍କ ପୁଅ ସାହେବ(୧୯)। ବୁଧବାର ଦୌଡୁଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ ସାହେବ। ତାଙ୍କୁ ସଙ୍ଗେ ସଙ୍ଗେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

## ବ୍ରେଡ ଉତ୍ତପମ

**ଆବଶ୍ୟକୀୟ ସାମଗ୍ରୀ :** ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା, ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଳା ଲଙ୍କା, ଟମାଟୋ କଟା ଅଳ୍ପ, ତେଲ ଓ ସ୍ୱାଦ ଅନୁସାରେ ଲୁଣ

**ପ୍ରସ୍ତୁତ ପ୍ରଣାଳୀ :** ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ। ତାପରେ ଏକ ମକ୍ସଲର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ। ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ବା ବେଶୀ ଗାଢା ନହୁଏ । ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ । ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ ।



**····· ପରଦା ଖବର ·····**

# ବିଏସଏଫ କମାଣ୍ଡର ସାଜି ଆସୁଛନ୍ତି ଇମ୍ରାନ ହାସମୀ



ବିଏସଏଫ କମାଣ୍ଡର ସାଜି ଖୁବଶୀଘ୍ର ପରଦାକୁ ଫେରୁଛନ୍ତି ବଲିଉଡ଼ର ଲୋକପ୍ରିୟ ଅଭିନେତା ଇମ୍ରାନ ହାସମୀ। ଅଭିନେତା ତଥା ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଗ୍ରାଉଣ୍ଡ ଜିରୋ'ରେ ଜଣେ ବିଏସଏଫ କମାଣ୍ଡର ଭୂମିକାରେ ନଜର ଆସିବେ। ଏକ୍ସେଲ ଏଣ୍ଟରଟେନମେଣ୍ଟ ପକ୍ଷରୁ 'ଗ୍ରାଉଣ୍ଡ ଜିରୋ' ଫିଲ୍ମ ଘୋଷଣା କରିବା ଦିନଠାରୁ ଏହା ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରିଛି। ଏହି ଚଳଚ୍ଚିତ୍ର ଦେଶ ପାଇଁ ବଳିଦାନ ଯେଉଁମାନେ ଦେଶର ସୁରକ୍ଷା ବାହିନୀଙ୍କ ଉପରେ ଆଧାରିତୟ ଗୁରୁବାର ଏକ୍ସେଲ ଏଣ୍ଟରଟେନମେଣ୍ଟ ଫିଲ୍ମର ପୋଷ୍ଟର ରିଲିଜ୍ କରିଛି। ପୋଷ୍ଟରରେ ଇମ୍ରାନ ହାସମୀଙ୍କୁ ଦେଖିବାକୁ ମିଳିଛି।ଏକ୍ସେଲ ଏଣ୍ଟରଟେନମେଣ୍ଟ ଇନଷ୍ଟାଗ୍ରାମରେ ଫିଲ୍ମର ଏକ ପୋଷ୍ଟର ଶେୟାର କରିଛି। ଏଥିରେ ଇମ୍ରାନ ହାସମୀଙ୍କୁ ପଛଆଡୁ ଦେଖିବାକୁ ମିଳିଛି। ଇମ୍ରାନ ଟି-ସାର୍ଟ ପିନ୍ଧିଛନ୍ତି ଏବଂ ହାତରେ ବନ୍ଧୁକ ଧରିଛନ୍ତି। ପୋଷ୍ଟର ସହ କ୍ୟାପ୍ସନରେ ଲେଖାହୋଇଛି, ''ଏକ ମିଶନର ଅକୁହା କାହାଣୀ, ଯାହା କଶ୍ମୀରକୁ ସବୁଦିନ ପାଇଁ ବଦଳାଇଦେଲା। ଏଥିସହ ଫିଲ୍ମ ଚଳିତ ବର୍ଷ ଏପ୍ରିଲ ୨୫ରେ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି।

## ଭଗବାନ ଅର୍ଦ୍ଧନାରୀଶ୍ୱର



ତପସ୍ୱୀ ଭୃଙ୍ଗୀ ଭଗବାନ ଶିବଙ୍କ ପରମଭକ୍ତ ଥିଲେ । ସେ ସର୍ବଦା ଶିବଙ୍କୁ ଭଜନ କରୁଥିଲେ । ତେବେ ସେ ଦେବୀ ଶକ୍ତିଙ୍କୁ କେବେ ଆରାଧନା କରୁନଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ଦେବୀ ଶକ୍ତି ତାଙ୍କ ଠାରୁ ଶକ୍ତି ଛଡ଼ାଇ ନେଲେ । ଶକ୍ତିବିହୀନ ଭୃଙ୍ଗୀ ଆଉ ଭୂମିରେ ସିଧାସଳଖ ଛିଡ଼ା ମଧ ହୋଇପାରିଲେ ନାହିଁ । ତାଙ୍କ ଦୁଃଖ ଦେଖି ଭଗବାନ ଶିବ ତାଙ୍କୁ ଏକ ବାଡ଼ି ଦେଲେ । ସେହି ବାଡ଼ିକୁ ଧରି ଭୃଙ୍ଗୀ ସିଧାସଳଖ ଛିଡ଼ା ହେଲେ । ଏହାପରେ ମଧ ଭୃଙ୍ଗୀ କେବଳ ଭଗବାନ ଶିବଙ୍କୁ ପୂଜା କଲେ, ଶକ୍ତିଙ୍କୁ ନୁହେଁ । ଦେବୀ ଶକ୍ତି ଭଗବାନ ମହାଦେବଙ୍କ ସହିତ ସମ୍ପୂର୍ଣ୍ଣ ରୂପରେ ସମ୍ମିଳିତ ହେବାର ପ୍ରୟାସ ଜାରି ରଖିଲେ । ସେ କଠୋର ତପସ୍ୟା କଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ଦେବୀ ଶକ୍ତିଙ୍କୁ ନିଜର ଅର୍ଦ୍ଧାଙ୍ଗ ରୂପରେ ଗ୍ରହଣ କଲେ । ଏହାପରେ ସେ 'ଅର୍ଦ୍ଧନାରୀଶ୍ୱର' ଅବତାରରେ ଉଭା ହେଲେ । ଭଗବାନ ଅର୍ଦ୍ଧନାରୀଶ୍ୱରଙ୍କ ବାମ ପାର୍ଶ୍ୱ ପୁରୁଷ ବା ଶିବ ଏବଂ ଡାହାଣ ପାର୍ଶ୍ୱ ନାରୀ ବା ଶକ୍ତିଙ୍କ ରୂପରେ ପୂଜା କରାଗଲା ।

# ହୃଦୟ ପାଇଁ ହିତକର ଅଖରୋଟ୍



ହୃଦୟ ସୁସ୍ଥ ରହିଲେ ଶରୀର ମଧ ସୁସ୍ଥ ରହେ। ସେଥିପାଇଁ ହୃଦୟକୁ ସୁସ୍ଥ ରଖିବା ମହତ୍ୱପୂର୍ଣ୍ଣ। ଖାଦ୍ୟପେୟ ଶରୀରକୁ ପ୍ରଭାବିତ କରିଥାଏ। ସେଥିପାଇଁ ଆହାରରେ ଏମିତି ଖାଦ୍ୟ ପଦାର୍ଥ ସାମିଲ କରିବା ଉଚିତ ଯାହା ମଣିଷକୁ ସୁସ୍ଥ ରଖିବ। ଅଖରୋଟ ଏହିଭଳି ଏକ ସ୍ୱାସ୍ଥ୍ୟକର ଖାଦ୍ୟ। ସେଥିପାଇଁ ଅଖରୋଟ୍ ସେବନ କରିବା ଉଚିତ। ଏହିଭଳି ଆଉ ଏକ ସ୍ୱାସ୍ଥ୍ୟକର ଖାଦ୍ୟ ହେଲା ଶୁଖିଲା ଏପ୍ରିକଟ୍। ଏପ୍ରିକଟରେ ନା କେବଳ ପୋଷାକ ତତ୍ୱ ଭରପୁର ରହିଛି ବରଂ ଏଥିରେ ଅନେକ । ଯୋଆକ୍ଟିଭ୍ ତତ୍ୱ ମଧ ରହିଛି ଯାହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଅଖରୋଟ୍ ମସ୍ତିସ୍କ ସହ ହୃଦୟ ପାଇଁ ମଧ ହିତକର। ଏହା ହୃଦୟର କାର୍ଯ୍ୟ ପ୍ରଣାଳୀ ସଞ୍ଚାଳିତ ଓ ନିୟନ୍ତିତ କରିଥାଏ ଓ ସୁଧାର ଆଣିଥାଏ। ଅଖରୋଟରେ ଓମେଗା ଫେଟି ଏସିଡ ଅଧିକ ମାତ୍ରାରେ ରହିଛି। ଯେଉଁଥିପାଇଁ ଏହା କାର୍ଡିଓଭାସ୍କୁଲାର ସିଷ୍ଟମ୍ ପାଇଁ ବହୁତ ଲାଭଦାୟୀ ହୋଇଥାଏ। ଓମେଗା-୩ ଫେଟି ଏସିଡ ଶରୀରରେ ଖରାପ କୋଲେଷ୍ଟ୍ରୋରଲକୁ କମ୍ କରିବା ଓ ଭଲ କୋଲେଷ୍ଟ୍ରୋରଲକୁ ବୃଦ୍ଧି କରାଇଥାଏ ଯାହା ହୃଦୟ ପାଇଁ ହିତକର। ପ୍ରତିଦିନ କିଛି ଅଖରୋଟ୍ ସେବନ କଲେ ଉଚ୍ଚ ରକ୍ତଚାପ କମ କରିବାରେ ସହାୟକ ହୋଇଥାଏ। ଅଖରୋଟରେ ଭରପୁର ମାତ୍ରାରେ ଭିଟାମିନ୍-ବି, ଫାଇବର, ମ୍ୟାଗନେସିୟମ୍ ଓ ଆଣ୍ଟିଅକ୍ସିଡେଣ୍ଟ ରହିଛି। ଅଖରୋଟରେ ପ୍ରୋଟିନ୍ ମଧ ଭରପୁର ମାତ୍ରାରେ ରହିଛି। ଅଖରୋଟ୍ ସୁଜନ ନିୟନ୍ତ୍ରଣ କରିବା, ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ। ଏହି ସବୁ ଗୁଣ ସହ ଏହା ହୃଦୟକୁ ମଧ ସୁସ୍ଥ ରଖିଥାଏ। ଅଖରୋଟରେ କ୍ୟାଲୋରୀ ମଧ ବହୁତ ମାତ୍ରାରେ ରହିଛି। ସେଥିପାଇଁ ସଂଯମର ସହ ତାକୁ ସେବନ କରିବାକୁ ପରାମର୍ଶ ଦିଆଯାଇଥାଏ। ପ୍ରତିଦିନ ଗୋଟିଏରୁ ଦୁଇଟି ଅଖରୋଟ୍ ସକାଳେ କିମ୍ବା ସନ୍ଧ୍ୟାରେ ସେବନ କରିବା ଉଚିତ। ଗୋଟିଏ ଦିନରେ ୫ରୁ ଅଧିକ ଅଖରୋଟ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହା ଗରମ ହୋଇଥାଏ। ସେଥିପାଇଁ ଜ୍ୱର ହେବାର ସମ୍ଭାବନା ମଧ ରହିଛି। କଫ ସମସ୍ୟା ଥିଲେ ଅଖରୋଟ ସେବନ କରିବା ଉଚିତ ନୁହେଁ। ଖାଲି ପେଟରେ ଅଖରୋଟ୍ ସେବନ କରିବା ଉଚିତ। ଅଖରୋଟ୍ ସେବନ କରିବାର ସଠିକ ତରିକା ହେଲା, ଏହାକୁ କଦଳୀ କିମ୍ବା ଦହିରେ ମିଶାଇ ମିଶ୍ରଣ କରି ଖାଇବା। ତାଛଡା ସାଲାଡ଼ ସହ ମଧ ଖାଇପାରିବେ। ଅଖରୋଟରେ ଲେମ୍ବୁ ରସ, ରସୁଣ, ଅଲିଭ ଅଏଲ, ଲୁଣ ଓ ଗୋଲମରିଚ ଗୁଣ୍ଡ ମିଶାଇ ମଧ ସେବନ କରିପାରିବେ।

# ଶ୍ରୀକୃଷ୍ଣଙ୍କ ବିରହରେ ଶ୍ରୀରାଧା

ଭଗବାନ ଶ୍ରୀକୃଷ୍ଣଙ୍କ ଏକତ୍ର ମୂର୍ତ୍ତି ଦେଖାଯିବା ବିରଳ। ସର୍ବଦା ଦେବୀ ରାଧାଙ୍କ ସହ ତାଙ୍କୁ ପୂଜା କରାଯାଇଥାଏ। ବୃନ୍ଦାବନରେ କଟିଥିଲା ଭଗବାନ କୃଷ୍ଣଙ୍କ ପିଲାଦିନ। ସେଠାରୁ କିଛି ଦୂରରେ ଥିବା ରେପଲ୍ଲୀ ନାମକ ସ୍ଥାନରେ ଦେବୀ ରାଧାଙ୍କ ଘର ଥିଲା। ମାତ୍ର ପ୍ରତିଦିନ ଶ୍ରୀକୃଷ୍ଣଙ୍କ ସୁମଧୁର ବଇଁଶୀ ସ୍ୱର ଶୁଣି ସେ ବୃନ୍ଦାବନକୁ ଦୌଡ଼ି ଚାଲିଆସୁଥିଲେ। ସେ ଭଗବାନ କୃଷ୍ଣଙ୍କ ଠାରୁ ୫ ବର୍ଷ ବଡ଼ ଥିଲେ। ଶ୍ରୀକୃଷ୍ଣଙ୍କ ବଇଁଶୀ ସ୍ୱର ଶୁଣି ଅନ୍ୟ ଗୋପୀମାନେ ମଧ ଆସୁଥିଲେ। ତେବେ ସେମାନେ ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱରରେ ମୁଗ୍ଧ ହୋଇଯିବା ସମୟରେ ଶ୍ରୀକୃଷ୍ଣ ସେମାନଙ୍କୁ ଛାଡ଼ି ରାଧାଙ୍କ ନିକଟକୁ ଚାଲିଯାଉଥିଲେ। ଏହିପରି ଚାଲିଥିବା ସମୟରେ ଧୀରେ ଧୀରେ ସେ ସମୟ ନିକଟସ୍ଥ ହେଉଥିଲା, ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ଛାଡ଼ି ବୃନ୍ଦାବନରୁ ମଥୁରା ଯିବାର ଥିଲା। ମାମୁ କଂସର ଆମନ୍ତ୍ରଣକ୍ରମେ କୃଷ୍ଣ-ବଳରାମ ମଥୁରା ବାହାରିଲେ। ଏହି ଖବର ଶୁଣିବା ପରେ ସମଗ୍ର ବୃନ୍ଦାବନବାସୀ ଦୁଃଖରେ ଭାଙ୍ଗିପଡ଼ିଲେ। ସବୁଠୁ ବେଶୀ ପୀଡ଼ା ଅନୁଭବ କରିଥିଲେ ମାତା ଯଶୋଦା ଏବଂ ଦେବୀ ରାଧା। ବିଦାୟ ନେବାର ବେଳ ଆସିବାରୁ ଭଗବାନ ଶ୍ରୀକୃଷ୍ଣ ଭାବିଲେ, ଥରୁଟିଏ ଯାଇ ରାଧାଙ୍କୁ ଦେଖା କରି ଆସିବେ। ଦୁହେଁ ପରସ୍ପରକୁ ଭେଟିଲେ। ଶ୍ରୀକୃଷ୍ଣଙ୍କ ମୁଖରେ ଭାଷା ନଥିଲା। ରାଧାଙ୍କ ଚକ୍ଷୁରୁ ଧାର ଧାର ଅଶ୍ରୁ ନିଗିଡ଼ି ପଡୁଥିଲା। ଦୁହେଁ ପରସ୍ପରର ସମ୍ମୁଖରେ ଛିଡ଼ା ହୋଇଥିଲେ ବି କେହି ପଦୁଟିଏ ବି କଥା କହୁନଥିଲେ। ଉଭୟ ପରସ୍ପରର ହୃଦୟକୁ ଖୁବ୍ ଭଲ ଭାବେ ପଢ଼ି ନେଉଥିଲେ। ସେଥିପାଇଁ ନିରବ ଥିଲେ ବି ସେମାନେ ମନେ ମନେ ଯାହା ବାର୍ତ୍ତାଳାପ କରିବା କଥା କରିନେଲେ। ଶେଷରେ ରାଧାଙ୍କ ଠାରୁ ବିଦାୟ ନେଇ ଶ୍ରୀକୃଷ୍ଣ ଫେରିଲେ। ଅନ୍ୟପଟେ ବୃନ୍ଦାବନ ଛାଡ଼ି ଚାଲିଯିବା ଲାଗି ଗୋପୀଙ୍କୁ ମଧ ରାଜି କରେଇନେଲେ । ଶ୍ରୀକୃଷ୍ଣ ଚାଲିଯିବା ପରେ ସାରା ବୃନ୍ଦାବନ ଖାଁ ଖାଁ ହୋଇଗଲା। ସମସ୍ତେ କୃଷ୍ଣଙ୍କୁ ଝୁରୁଥିଲେ, କାନ୍ଦୁଥିଲେ ଆଉ ତାଙ୍କ ଅନୁପମ ଲୀଳାକୁ ମନେ ପକାଉଥିଲେ। ରାଧା କିନ୍ତୁ ଥିଲେ ନିରବ ଏବଂ ନିଶ୍ଚଳ। ତାଙ୍କ ଠାରେ ଶ୍ରୀକୃଷ୍ଣଙ୍କ ବିରହର କୌଣସି ପ୍ରତିକ୍ରିୟା ନଥିଲା। କାରଣ ସେ ଜାଣିଥିଲେ ଯେ ଶ୍ରୀକୃଷ୍ଣ ହୁଏତ' ଶାରୀରିକ ଭାବେ ତାଙ୍କ ଠାରୁ ଦୂରେଇ ଯାଇଛନ୍ତି, କିନ୍ତୁ ଏବେ ବି ସେ କୃଷ୍ଣଙ୍କ ସତ୍ତାକୁ ନିଜ ମନପ୍ରାଣରେ ଅନୁଭବ କରିପାରୁଛନ୍ତି। ଶେଷରେ ରାଧାଙ୍କୁ ବିବାହ କରିବାକୁ ପଡ଼ିଥିଲା। ସେ ଗୃହସ୍ଥ ଧର୍ମ ପାଳନ କଲେ। ତାଙ୍କର ବୃଦ୍ଧାବସ୍ଥା ଆସିଗଲା। ବୃଦ୍ଧାବସ୍ଥାରେ ଦିନେ ସେ ଲୁଚି ଲୁଚି ଶ୍ରୀକୃଷ୍ଣଙ୍କ ନଗରୀ ଦ୍ୱାରୀକାରେ ପହଞ୍ଚିଗଲେ। ଥରକେ ତାଙ୍କୁ ଶ୍ରୀକୃଷ୍ଣଙ୍କ ସହ ଭେଟିବାକୁ ସୁଯୋଗ ମିଳିଲା ନାହିଁ। ତେବେ ଭିଡ଼ ଭିତରେ ସେ କୃଷ୍ଣଙ୍କୁ ଖୋଜିନେଲେ। ରାଧାଙ୍କୁ ଦେଖି ଶ୍ରୀକୃଷ୍ଣ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଲେ। ସେତେବେଳେ ମଧ ଶ୍ରୀକୃଷ୍ଣ କିମ୍ବା ରାଧାଙ୍କ ପାଟିରେ ପଦୁଟିଏ କଥା ବାହାରିଲା ନାହିଁ। କାରଣ ଦୁହେଁ ପରସ୍ପରର ମାନସିକ ସଙ୍କେତ ବୁଝିପାରୁଥିଲେ। ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ନିଜ ମହଲରେ ଜଣେ ଦେବୀକା ରୂପରେ ରହିବା ଲାଗି କହିଲେ। ଦେବୀ ରାଧା ମହଲ କିଛିଦିନ ରହିଲେ। ଇଚ୍ଛା ହେଲେ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ। ଏମିତି କିଛିଦିନ ବିତିଯିବା ପରେ ଥରେ ରାଧାଙ୍କ ମନ ଅସ୍ଥିର ହୋଇଉଠିଲା। ପୁଣିଥରେ ଶ୍ରୀକୃଷ୍ଣଙ୍କ ବିରହ ଆଶଙ୍କା ତାଙ୍କୁ ବ୍ୟଥିତ କରୁଥିଲେ। ଏମିତିରେ ଦିନେ ସେ ଦ୍ୱାରୀକା ମହଲ ଛାଡ଼ିଚାଲିଗଲେ। ଏମିତି ଚାଲି ଚାଲି ସେ ଏକ ଏକାନ୍ତ ସ୍ଥାନରେ ପହଞ୍ଚିଗଲେ। ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ହୋଇଥିବାରୁ ସେ ସବୁକିଛି ଜାଣିନେଉଥିଲେ। ସେ ଜାଣିଥିଲେ ଯେ ଦେବୀ ରାଧାଙ୍କ ଦେହତ୍ୟାଗର ସମୟ ଆସିଯାଇଛି। ଏହି ସମୟରେ ରାଧା ତାଙ୍କୁ ସ୍ମରଣ କଲେ। ଶ୍ରୀକୃଷ୍ଣ ଦେବୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ କିଛି ବର ମାଗିବାକୁ କହିଲେ। ଦେବୀ ରାଧା କିନ୍ତୁ ମନାକଲେ। ଶ୍ରୀକୃଷ୍ଣ ତାଙ୍କୁ କିଛି ଦେବାକୁ ଚାହୁଁଥିଲେ, କାରଣ ସାରା ଜୀବନ ଦେବୀ ରାଧା ତାଙ୍କୁ କେବେ କିଛି ମାଗିନଥିଲେ। ଶେଷରେ ଦେବୀ ରାଧା ବଂଶୀ ସ୍ୱର ଆଉଥରେ ଶୁଣିବାକୁ ଚାହିଁଲେ। ଅତି ମଧୁର ସ୍ୱରରେ କୃଷ୍ଣ ବଂଶୀ ବଜାଇଲେ। ସେହି ସ୍ୱରରେ ବିହ୍ୱଳିତ ହୋଇ ଦେବୀ ରାଧା ଏ ସଂସାରରୁ ବ୍ରହ୍ମଲୋକ ଦିଗରେ ପ୍ରସ୍ଥାନ କଲେ।



# ଔଷଧୀୟ ଗୁଣରେ ଭରପୂର ଲେମ୍ବୁ

ଆଜିକାଲିର ଖରାପ ଜୀବନଶୈଳୀ ଯୋଗୁଁ ଅଧିକାଂଶ ଲୋକ ଓଜନ ଜନିତ ସମସ୍ୟାର ଶିକାର ହୋଇଥାନ୍ତି । ଏଥିପାଇଁ ଆପଣ ଅନେକ ଡାଏଟିସିଆନ୍ ଓ ମେଡିସନର ସାହାଯ୍ୟ ନେଇଥାନ୍ତି । କିନ୍ତୁ ଏସବୁ ନକରି ଲେମ୍ବୁ ସାହାଯ୍ୟରେ ମଧ୍ୟ ଓଜନ କମ୍ କରାଯାଇପାରିବ । ଲେମ୍ବୁ ପାଣି ଏସିଡିଟି, ପେଟ ଫୁଲିବା ପରି ସମସ୍ୟାକୁ ଭଲ କରିଥାଏ । ଆସନ୍ତୁ ଜାଣିବା ଲେମ୍ବୁ ଖାଇବା ଦ୍ୱାରା ଅନ୍ୟ କେଉଁସବୁ ସ୍ୱାସ୍ଥ୍ୟ ଉପକାରୀ ଲାଭ ମିଳିଥାଏ ।



◆ ଲେମ୍ବୁ ଶରୀରରେ ପିଏଚ ସ୍ତରକୁ ନିୟନ୍ତ୍ରଣ କରିଥାଏ । ଏଥିରେ ଆଇରନ୍, ମ୍ୟାଗ୍ନେସିୟମ୍ , ଫସଫରସ୍, କଲ୍ୟାସିୟମ୍, ପୋଟାସିୟମ୍ ଓ ଜିଙ୍କ ପରି ତତ୍ତ୍ୱ ରହିଛି । ଯାହା ଶରୀରରେ ଅଲଗା ଅଲଗା ଆବଶ୍ୟକତାରୁ ପୂରଣ କରିଥାଏ ।

◆ ଲେମ୍ବୁ ପାଣି କିଡନୀ ଷ୍ଟୋନକୁ କମ୍ କରିଥାଏ । ଏଥିପାଇଁ ପ୍ରତିଦିନ ଲେମ୍ବୁ ପାଣି ପିଅନ୍ତୁ ।

◆ ଲେମ୍ବୁ ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହିତ ରୋଗ ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ ।

◆ ଲେମ୍ବୁ ଥିୟାମିନ୍, ନୟାସିନ୍, ରିବୋଫ୍ଲୋବିନ୍, ଭିଟାମିନ୍ ବି ୬, ଭିଟାମିନ୍ ଇ ରହିଛି । ଯାହା କୋଷ୍ଠକାଠିନ୍ୟ, କିଡନୀ ସମସ୍ୟା, ଗଳା ଓ ପାଟି ଜନିତ ସମସ୍ୟାକୁ ଭଲ କରିଥାଏ ।

◆ ଲେମ୍ବୁ ଖାଇଲେ ରକ୍ତଚାପ ନିୟନ୍ତ୍ରଣ ହେବା ସହ ଡିପ୍ରେସନ ଦୂର ହୋଇଥାଏ ।

◆ ଲେମ୍ବୁର ନିୟମିତ ଖାଇବା ଦ୍ୱାରା ଡାଇବେଟିସ ରୋଗୀଙ୍କ ସୁଗାର ନିୟନ୍ତ୍ରିତ ହୋଇଥାଏ ।

# ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୬।୩ (ମହାଭାରତ):** ଆଜିର ଯୁବବର୍ଗ ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ଅମୂଲ୍ୟ ସମ୍ପଦ ଏବଂ ଆସନ୍ତାକାଲିର ଭବିଷ୍ୟତ। ଯୁବବର୍ଗ ହେଉଛି ଏକ ସଶକ୍ତ ସମାଜ ନିର୍ମାଣର ଆଧାର। ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ପୂରଣ କରିବାରେ ଯୁବବର୍ଗଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଧାନସଭା ପରିସରରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ନିଶ୍ଚିତ ରୂପେ ଯୁବ ନେତୃତ୍ୱର ବିକାଶରେ ସହାୟକ ହେବ। ତୃଣମୂଳ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଯୁବଶକ୍ତିର ବିକାଶରେ ହିଁ ଦେଶର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ।

ବିଧାନସଭା ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ପ୍ରଥମ ଦିନରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ଜାତୀୟ ସ୍ତରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀମାନ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ଆନୁକୂଲ୍ୟରେ ଆୟୋଜିତ ହେଉଥିବା ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ପ୍ରତିଭା ଏବଂ ଯୁବ ନେତୃତ୍ୱ ବିକାଶ ହେବାର ଲକ୍ଷ୍ୟ ରଖାଯାଇଛି।



# ଭୀମପୁର ଡେଭେଲପମେଣ୍ଟ କମିଟି କାର୍ଯ୍ୟାଳୟ ଲୋକାର୍ପିତ

**ଭୁବନେଶ୍ୱର, ୨୬।୩ (ମହାଭାରତ):** ବିଏମସିର ୱାର୍ଡ ନମ୍ବର ୫୨ ଭୀମପୁର ଉନ୍ନୟନ କମିଟିର କାର୍ଯ୍ୟାଳୟର ଫିତାକାଟି ଉଦଘାଟନ କରିଛନ୍ତି ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ। ୱାର୍ଡ ନମ୍ବର ୫୨ ଭୀମପୁର ଡେଭେଲପମେଣ୍ଟ କମିଟିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ୬୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟକୁ ଲୋକାର୍ପିତ କରିଛନ୍ତି ଅପରାଜିତା। ଏହି ଅବସରରେ କମିଟିକୁ ସାଂସଦ ଉନ୍ନୟନ ପାଣ୍ଠିରୁ ଆଉ ୧୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଯେଉଁଥିରେ ୫୨ ନମ୍ବର ୱାର୍ଡରେ ବସବାସ କରୁଥିବା ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀଙ୍କ ନିମନ୍ତେ ଏଠାରେ ଏକ ଡେ କେୟାର ପ୍ରତିଷ୍ଠା କରାଯିବ। ଏଥିରେ ବରିଷ୍ଠ ନାଗରିକଙ୍କର ବସା ଉଠା ଠୁ ଆରମ୍ଭ କରି ଲାଇବ୍ରେରୀ, ଆମୋଦପ୍ରମୋଦ, ଅଭିଯୋଗ ପ୍ରକୋଷ୍ଠ ମଧ୍ୟ ପ୍ରତିଷ୍ଠା କରାଯିବ। ବରିଷ୍ଠ ନାଗରିକମାନଙ୍କ ମାଇଁ ବିଭିନ୍ନ ପ୍ରକାରର ଇନଡୋର ଗେମର ମଧ୍ୟ ବ୍ୟବସ୍ଥା କରାଯିବ। ତାଛଡ଼ା ବିଭିନ୍ନ ସମସ୍ୟା ନେଇ ସେମାନଙ୍କୁ ଏଣେ ତେଣେ ଦୌଡ଼ିବାକୁ ପଡ଼ିବନି। ଏଠାରେ ସାଂସଦଙ୍କ ଦ୍ୱାରା ନିର୍ମିତ ହେବାକୁ ଥିବା ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଲେ ଯଥାଶୀଘ୍ର ତା'ର ସମାଧାନ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ସାଂସଦ ଅପରାଜିତା। ଏହାଦ୍ୱାରା ୫୨ ନମ୍ବର ୱାର୍ଡବାସୀଙ୍କର ଦୀର୍ଘଦିନର ଦାବି ପୂରଣ ହୋଇଛି ବୋଲି ଅପରାଜିତା କହିଛନ୍ତି। କମିଟିର ବାର୍ଷିକ ଉତ୍ସବରେ ଅପରାଜିତାଙ୍କ ଛଡ଼ା ମୁଖ୍ୟ ବକ୍ତାଭାବେ ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, ୫୨ ନମ୍ବର ୱାର୍ଡ ଡେଭେଲପମେଣ୍ଟ କମିଟିର ସଭାପତି ସ୍ୱରାଜ ମୋହନ ସାହୁ, ସମ୍ପାଦକ ଅର୍ଜ୍ଜୁନ କୁମାର ଦାଶ ଏବଂ ମୁଖ୍ୟ ଉପଦେଷ୍ଟା ଶଶାଙ୍କ ସେଖର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




# କ୍ରୀଡା ପ୍ରଶିକ୍ଷଣ ପଦବୀ ଅଧାରୁ ଅଧିକ ଖାଲି

**ଭୁବନେଶ୍ୱର, ୨୬।୩ (ମହାଭାରତ):** ରାଜ୍ୟରେ ଥିବା କ୍ରୀଡା ପ୍ରଶିକ୍ଷକ ପଦବୀ ମଧ୍ୟରୁ ଅଧାରୁ ଅଧିକ ଖାଲି ପଡିଛି। ମୁରୀପ୍ରାପ୍ତ ୬୧ଟି କନିଷ୍ଠ କ୍ରୀଡା ପ୍ରଶିକ୍ଷକ ପଦବୀ ମଧ୍ୟରୁ ୩୮ଟି ପଦବୀ ଖାଲି ପଡିଥିବାବେଳେ ୯ଟି ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ପଦବୀ ମଧ୍ୟରୁ ୫ଟି ଖାଲି ରହିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ୧୬ଟି କ୍ରୀଡା ଛାତ୍ରାବାସ, ୧୧ଟି ଉଚ୍ଚ ପ୍ରଦର୍ଶନ କେନ୍ଦ୍ର, ୧୦୬ଟି ଇଣ୍ଡୋର ହଲ୍, ୩ଟି ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର, ୧୩ଟି ସନ୍ତରଣାଗାର ଓ ୨୩ଟି ହକି ପ୍ରଶିକ୍ଷଣ କେନ୍ଦ୍ରରେ କ୍ରୀଡାବିତ୍‌ମାନଙ୍କୁ ତାଲିମ ଦିଆଯାଉଛି। ୧୬ଟି କ୍ରୀଡା ଛାତ୍ରାବାସରେ ୧୧୭୬ଜଣ ଓ ୧୧ଟି ଉଚ୍ଚ ପ୍ରଦର୍ଶନ କେନ୍ଦ୍ରରେ ୫୭୯ ଜଣ କ୍ରୀଡାବିତ୍‌ଙ୍କୁ ତାଲିମ ପ୍ରଦାନ କରାଯାଉଛି। କ୍ରୀଡା ଛାତ୍ରାବସାରେ ବାଳିକା କ୍ରୀଡାବିତ୍‌ମାନଙ୍କ ପାଇଁ ୮୦୦ ଟଙ୍କା ଏବଂ ବାଳକ କ୍ରୀଡାବିତ୍‌ମାନଙ୍କ ପାଇଁ ୬୦୦ ଟଙ୍କାର ଶୌଚାଳୟ ଖର୍ଚ୍ଚ ଦିଆଯାଉଛି। ସମସ୍ତ କ୍ରୀଡା ଛାତ୍ରାବାସର ପ୍ରତ୍ୟେକ ଅନ୍ତେବାସୀଙ୍କ ଖାଦ୍ୟ ଖର୍ଚ୍ଚ ବାବଦକୁ ପ୍ରତିଦିନ ୨୭୫ ଟଙ୍କାର ବ୍ୟବସ୍ଥା କରାଯାଇଛି।



# ପ୍ରଶାସନିକ ଅଧିକାରୀ ସରକାରୀ ଯୋଜନା ସମ୍ପର୍କରେ ପ୍ରଥମେ ଜାଣିବା ଜରୁରୀ

**ଭୁବନେଶ୍ୱର, ୨୬।୩ (ମହାଭାରତ):** ଜନସାଧାରଙ୍କ ଆବଶ୍ୟକତାକୁ ଲକ୍ଷ୍ୟ ରଖି ତଥା ସେମାନଙ୍କର ହିତ ଉଦ୍ଦେଶ୍ୟରେ ସରକାର ବିଭିନ୍ନ ସମୟରେ ବିଭିନ୍ନ ଯୋଜନା ପ୍ରଣୟନ ସହିତ କାର୍ଯ୍ୟକ୍ରମମାନ ଆରମ୍ଭ କରିଥାନ୍ତି। ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କିପରି ସାଧିତ ହୋଇପାରିବ ତାହା ସୁନିଶ୍ଚିତ କରିବାର ଦାୟିତ୍ୱ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ପ୍ରଶାସନିକ ଅଧିକାରୀମାନଙ୍କର। କିନ୍ତୁ ପ୍ରଶାସନିକ ଅଧିକାରୀଭାବେ ପ୍ରଥମେ ସେହି ଯୋଜନା ଯାହା ସାମାଜିକ ସୁରକ୍ଷା, ଜନକଲ୍ୟାଣ କିମ୍ବା ବିକାଶମୂଳକ ତାହା ସଂପର୍କରେ ଅଧିକ ଜାଣିବା, ବୁଝିବା ଦ୍ୱାରା ତାହାର ସୁଫଳ ସଂପର୍କରେ ସେମାନେ ସଠିକ୍ ଭାବେ ଜନସାଧାରଣଙ୍କୁ ବୁଝାଇବାରେ ସକ୍ଷମ ହୋଇପାରିବେ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍ପାଟି ଓଡ଼ିଶା ପ୍ରଶାସନିକ ସେବାର ପ୍ରଶିକ୍ଷଣ ଗ୍ରହଣ କରୁଥିବା ଅଫିସର ଟ୍ରେନିମାନଙ୍କୁ ପରାମର୍ଶ ଦେଇଛନ୍ତି।

ମଙ୍ଗଳବାର ରାଜ ଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶା ରାଜସ୍ୱ ସେବାରୁ ଓଡ଼ିଶା ପ୍ରଶାସନିକ ସେବାକୁ ପଦୋନ୍ନତି ପ୍ରାପ୍ତ ୭୧ ଅଫିସର ଟ୍ରେନି ଓ ପ୍ରତ୍ୟକ୍ଷଭାବେ ନିଯୁକ୍ତ ଓଡ଼ିଶା ପ୍ରଶାସନିକ ସେବା – ୨୦୨୨ ବ୍ୟାଚ୍‌ର ୭୮ ଅଫିସର ଟ୍ରେନି ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ। ରାଜ୍ୟପାଳ ପ୍ରଶିକ୍ଷଣ ଗ୍ରହଣ କରୁଥିବା ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେମାନଙ୍କୁ ନିଜ ମଧ୍ୟରେ ଶିଖିବାର ପ୍ରବୃତିକୁ ଜାରି ରଖି ଜ୍ଞାନର ପରିଧିକୁ ବ୍ୟାପକ କରି ଦୃଢ଼ ଆତ୍ମ ବିଶ୍ୱାସର ସହ ଜନସାଧାରଣଙ୍କୁ ସେବା ପ୍ରଦାନ କରିବାକୁ କହିଥିଲେ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଜୀବନ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ପରି ସାମାଜିକ ସୁରକ୍ଷା ଯୋଜନାର ଉପକାରିତା ଓ ଉପଯୋଗିତା, ସୌର ଶକ୍ତିର ବ୍ୟାପକ ବ୍ୟବହାର ନିମନ୍ତେ କାର୍ଯ୍ୟକାରୀ କରାଯାଉଥିବା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଦ୍ୱାରା ଶକ୍ତି ସଂରକ୍ଷଣ, ଇଲେକ୍ଟ୍ରିକ୍ ଯାନର ବ୍ୟବହାର ନିମନ୍ତେ ସରକାରୀ ପ୍ରୋତ୍ସାହନ ଯାହା ଦ୍ୱାରା ପେଟ୍ରୋଲ ଆଦି ଇନ୍ଧନର ଆମଦାନୀ ରାଶି ହ୍ରାସ କରାଯାଇପାରିବ ଓଏଲ୍ ପାମ୍ ମିଶନ ଦ୍ୱାରା ଖାଇବା ତେଲ ଉତ୍ପାଦନ ବୃଦ୍ଧି ସହିତ ଆତ୍ମ ନିର୍ଭର ହେବା ଉପରେ ଜୋର୍ ଦିଆଯାଇଛି ଓ ଏ ଦିଗରେ ପ୍ରଶାସନିକ ଅଧିକାରୀଭାବେ ନିଜେ ବିଶଦ ଭାବେ ଜାଣିବା ସହିତ ଜନସାଧାରଣ ଯେପରି ଏହାର ସୁଫଳ ପାଇପାରିବେ ସେଥିପାଇଁ ଯତ୍ନଶୀଳ ହେବା ଉଚିତ୍ ବୋଲି ରାଜ୍ୟପାଳ କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ଯୋଜନା ସଂପର୍କରେ ଜାଣିବା ପାଇଁ ବିଭିନ୍ନ ବିଭାଗର କାର୍ଯ୍ୟଧାରା ସଂପର୍କରେ ଅବଗତ ହେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ବିଭିନ୍ନ ଅଂଚଳର ବିଶେଷତ୍ୱ, ଅଭିନବ ପ୍ରୟାସ, ଜୀବନ-ଜୀବିକା ସଂପର୍କରେ ସର୍ବଦା ଅପ୍‌ଡେଟ ରହିବା ପାଇଁ ଦୈନିକ ସମ୍ବାଦପତ୍ର, ନ୍ୟୁଜ୍ ଚ୍ୟାନେଲର ବ୍ୟବହାର ସହିତ ପଢ଼ିବାର ଆଗ୍ରହକୁ ଜାଗ୍ରତ ରଖିବା ପାଇଁ ରାଜ୍ୟପାଳ ସେମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ ଭାରତ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ ସଫଳତା ସହିତ ଆହ୍ୱାନ ସଂପର୍କିତ ଏକ ବୁକ୍‌ଲେଟ୍ ପ୍ରକାଶନ କରି ତାହା ପ୍ରଶିକ୍ଷଣ ଗ୍ରହଣ କରୁଥିବା ପ୍ରଶାସନିକ ଅଧିକାରୀଙ୍କୁ ଉପଲବ୍ଧ କରିବାକୁ କହିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଡ଼କ୍ଟର ମୋନାଲିସା ଲେଙ୍କା ଏକାଡ଼େମୀ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ଅଫିସର୍ସଟ୍ରେନିଙ୍କ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଅଫିସର୍ସଟ୍ରେନିଙ୍କ ପକ୍ଷରୁ ବିକାଶ କୁମାର ସାହୁ, ସାୟେଦା ନାୟେଲା, ଦିବ୍ୟ ରଂଜନ ବିଶ୍ୱାଳ ଓ ମଧୁସ୍ମିତା ବିଶି ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ ଉପସ୍ଥିତ ଥିଲେ।



# ସେଲେବ୍ରିଟି ମାଷ୍ଟରସେଫ୍ ଇଣ୍ଡିଆରେ ସ୍ୱତନ୍ତ୍ର ଓଡ଼ିଶା ଖାଦ୍ୟ

**ଭୁବନେଶ୍ୱର, ୨୬।୩ (ମହାଭାରତ):** ଓଡ଼ିଶାର ସମୃଦ୍ଧ ପାରମ୍ପରିକ ବ୍ୟଞ୍ଜନ ଓ ଖାଦ୍ୟ ପ୍ରସ୍ତୁତି ଶୈଳୀକୁ ଜାତୀୟ ସ୍ତରରେ ଲୋକପ୍ରିୟ କରିବା ନିମନ୍ତେ ସୋନି ଟିଭି ଚ୍ୟାନେଲରେ ପ୍ରସାରିତ ସେଲେବ୍ରିଟି ମାଷ୍ଟରସେଫର ବିଶେଷ କାର୍ଯ୍ୟକ୍ରମରେ ସେଫ ପ୍ରତିଯୋଗୀମାନେ ସ୍ୱତନ୍ତ୍ର ଓଡ଼ିଶା ଖାଦ୍ୟ ପ୍ରସ୍ତୁତ ଓ ପରିବେଷଣ କରିବେ। ପ୍ରଥମ ଥର ପାଇଁ ଓଡ଼ିଆ ଅସ୍ମିତାର ପରିଚୟ ପଖାଳ ଥାଳି ଏବଂ ପବିତ୍ର ମନ୍ଦିର ଖାଦ୍ୟକୁ ପରିବେଷଣ କରି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ଖାଦ୍ୟ ପରମ୍ପରାକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଦର୍ଶକଙ୍କ ନିକଟରେ ଉପସ୍ଥାପନ କରାଯିବ।

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସୋନି ଟିଭିରେ ପ୍ରସାରିତ ସେଲିବ୍ରିଟି ମାଷ୍ଟରସେଫ ଇଣ୍ଡିଆର ଓଡ଼ିଶା ଖାଦ୍ୟ ଚ୍ୟାଲେଞ୍ଜ ସହିତ ଫାଇନାଲରେ ପହଞ୍ଚିଥିବା ସମସ୍ତ ପ୍ରତିଭାବାନ ସେଲେବ୍ରିଟି ସେଫଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପଖାଳ ଠାରୁ ଆରମ୍ଭ କରି ପବିତ୍ର ମହାପ୍ରସାଦ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଖାଦ୍ୟ, ଓଡ଼ିଶାର ଲୋକଙ୍କ ଖାଦ୍ୟ ସଂସ୍କୃତିକୁ ପ୍ରତିଫଳିତ କରେ।

ଓଡିଆ ଖାଦ୍ୟଶୈଳୀକୁ ବିଶ୍ୱସ୍ତରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ସହ ଗର୍ବର ସହ ଓଡିଆ ଖାଦ୍ୟର ସ୍ୱାଦକୁ ନିଜ ସମ୍ପ୍ରଦାୟରେ ବାଣ୍ଟିବା ପାଇଁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଭାରତ ତଥା ବିଶ୍ୱର ଥିବା ସମସ୍ତ ପ୍ରବାସୀ ଓଡିଆମାନଙ୍କୁ ଅନୁରୋଧ କରିଛନ୍ତି। ଆମର ଖାଦ୍ୟ, ଆମର ଆତିଥ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପ୍ରତିଫଳିତ କରେ। ଓଡ଼ିଶା କେବଳ ଏକ ମନୋରମ ପର୍ଯ୍ୟଟନସ୍ଥଳୀ ନୁହେଁ, ଏହା ଏକ ଭାବନା ଓ ଦିବ୍ୟ ଅନୁଭୂତିର ଭୂଖଣ୍ଡ ବୋଲି ଶ୍ରୀମତୀ ପରିଡା ପ୍ରକାଶ କରିଛନ୍ତି।

ଖାଦ୍ୟ ପର୍ଯ୍ୟଟନରେ ସମଗ୍ର ଭାରତରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିପ୍ରକାଶ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ପରିଚାଳିତ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିବିଧ ଖାଦ୍ୟ ସଂସ୍କୃତି, ଅନନ୍ୟ ଉପାଦାନ ଏବଂ ସମୟ ନିର୍ଦ୍ଧାରିତ ରୋଷେଇ କଳା କୌଶଳକୁ ପ୍ରଦର୍ଶନ କରାଯିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୁଜିନ (ଖାଦ୍ୟ) ଚ୍ୟାଲେଞ୍ଜକୁ ଏକ ଅଂଶ ଭାବେ ଗ୍ରହଣ କରି ସେଲିବ୍ରିଟି ସେଫମାନେ ଓଡ଼ିଶାର ଦୁଇଟି ପ୍ରମୁଖ ଖାଦ୍ୟ ପରମ୍ପରା – ଓଡିଆ ଖାଦ୍ୟ ଥାଳି ଏବଂ ଓଡ଼ିଶା ପ୍ରସାଦ ଖାଦ୍ୟ ସଂସ୍କୃତିକୁ ପୁନର୍ଜୀବିତ କରିବାରେ ରୋମାଞ୍ଚକର ଟାସ୍କ ଗ୍ରହଣ କରିବେ।

ଚ୍ୟାଲେଞ୍ଜ ୧ – ଓଡ଼ିଶା ପଖାଳ ଥାଳି – ଓଡ଼ିଶା ଖାଦ୍ୟ ସଂସ୍କୃତିର ଅନନ୍ୟ ଖାଦ୍ୟ ପଖାଳ ଥାଳିକୁ ସମ୍ମାନ ଜଣାଇ ଏହି ଚ୍ୟାଲେଞ୍ଜରେ ସେଲେବ୍ରିଟି ସେଫ ମାନେ ବିଭିନ୍ନ ପ୍ରକାର ପଖାଳ ଯଥା ଦହି ପଖାଳ, ଛୁଙ୍କ ପଖାଳ, ଘିଅ ପଖାଳ ସହିତ ଚିଙ୍ଗୁଡି ଛେଚା, କଖାରୁ ଫୁଲ ଭଜା, ବଡି ଚୂରା ଏବଂ ମାଛ ଭଜା ଆଦି ପ୍ରସ୍ତୁତ କରିବେ।

# ଅଷ୍ଟମ ଶ୍ରେଣୀରେ ଅର୍ଦ୍ଧାଧିକ ଛାତଛାତ୍ରୀ ହରଣରେ ଦୁର୍ବଳ

**ଭୁବନେଶ୍ୱର, ୨୬।୩ (ମହାଭାରତ):** ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଧାରୁ ଅଧିକ ପିଲା ହରଣ କରିପାରୁ ନାହାନ୍ତି। ତେବେ ଜାତୀୟ ସ୍ତରରେ ଅଷ୍ଟମ ଶ୍ରେଣୀ ପିଲାଙ୍କର ଏହି ହାର ଅଧିକ ରହିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଅସର ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ୨୦୨୪ ମସିହାରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୪୮.୫ ପ୍ରତିଶତ ହରଣ କରିପାରୁଛନ୍ତି। ଜାତୀୟ ସ୍ତରରେ ଏହି ହାର ୪୫.୮ ପ୍ରତିଶତ ରହିଛି। ତେବେ ଓଡିଶାରେ ୨୦୧୪ ମସିହାରେ ଅଷ୍ଟମଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୩୭.୯ ପ୍ରତିଶତ ପିଲା ହରଣ କରିପାରୁଥିଲେ। ବର୍ଷକୁ ବର୍ଷ ସେମାନଙ୍କ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବା ସହିତ ଗତ ୧୦ବର୍ଷରେ ଏହା ୧୧ ପ୍ରତିଶତ ବୃଦ୍ଧି ପାଇଛି। ଏହାଛଡା ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ଅଷ୍ଟମଶ୍ରେଣୀ ଛାତ୍ରଛାତ୍ରୀଙ୍କମାନଙ୍କ ନିମନ୍ତେ ଓଡିଆ, ଗଣିତ, ଇଂରାଜୀ ବିଷୟରେ କାର୍ଯ୍ୟପୁସ୍ତିକା ଯୋଗାଇ ଦିଆଯାଇ ଅଭ୍ୟାସ କରାଯାଉଅଛି। ଅଷ୍ଟମଶ୍ରେଣୀ ପିଲା, ଯେଉଁମାନେ ଫେଡାଣ ସମାଧାନ କରିପାରୁଛନ୍ତି ସେମାନଙ୍କ ସଂଖ୍ୟା ବିଗତ ଏକ ଦଶକରେ ପାୟ ୬ ପ୍ରତିଶତ ବଢିଛି।



# ସ୍ପ୍ରାଇଟର ଥଣ୍ଡା ମଜା ସେହି ବୋତଲରେ ରହିଛି କମେଡ଼ିର ଶବ୍ଦକୁ ସେଇ ତାଳର ବିଟରୁ ଉଠାନ୍ତୁ

**ଭୁବନେଶ୍ୱର, ୨୬।୩ (ମହାଭାରତ):** ସ୍ପ୍ରାଇଟ, ଆଇକନିକ ଲେମ୍ବୁ ତଥା ସୋଡ଼ାର ଏକ ମୃଦୁପାନୀୟ "ଯୋକ ଇନ ଏ ବଟଲ" (ଯେଆଇଏବି) ସହିତ ପୁଣି ଥରେ ପ୍ରତ୍ୟାବର୍ତନ କରିଛି କିନ୍ତୁ ଏଥର କମେଡ଼ିର ଶବ୍ଦକୁ ଏହା ସହିତ ନେଇ ଆସିଛି। ଚ଼ଳିତ ଋତୁରେ ଏହି ଅଭିଯାନ ଆଉ ଦୁଇପାଦ ଆଗକୁ ଯାଇ ଉତ୍‌ଫୁଲ୍ଲିତ ସଙ୍ଗୀତର ମଧୁରତାନ, ଝଲମଲ ବିଟସ୍ ଏବଂ ଏକ ନୂତନ ସୃଷ୍ଟିକାରୀ ଆଶ୍ଚର୍ଯ୍ୟଚ଼କିତ ଟ୍ୱିଷ୍ଟ ଦ୍ୱାରା ହସ-ଖୁସି-ଉଚ୍ଚ ଅନୁଭୂତିକୁ ଉପସ୍ଥାପନ କରିପାରିଛି। ଯୁବବର୍ଗଙ୍କ ପାଇଁ କମେଡ଼ି ଏକ ପ୍ରମୁଖ ଅନୁକମ୍ପାର କେନ୍ଦ୍ରବିନ୍ଦୁ ଭାବରେ ଉଭା ହୋଇଛି, ଏଥିସହିତ ଭାରତରେ ସାମାଜିକ ଗଣମାଧ୍ୟମ ତଥା ମୋ ସଂସ୍କୃତି ଏକ ଅଗ୍ରଣୀ ଭୂମିକାରେ ପରବର୍ତୀ ପୀଢ଼ିଙ୍କ ରସସିକ୍ତତାକୁ ରୂପ ଦେଇପାରିଛି। ସ୍ପ୍ରାଇଟର ଟିନ ଆଗକୁ ବଢ଼ି ତଥା ମୋକେନ୍ଦ୍ରିକ କମେଡ଼ି ଅଭିଯାନ ଏ ସବୁକୁ ଏକାଠି କରି ତୃତୀୟ ସିଜିନରେ ପ୍ରବେଶ କରୁଛି ବିସ୍ତୃତ ରଣନୀତି ସହିତ ପ୍ରସ୍ତୁତ ହୋଇ ଆଂଚ଼ଳିକତାକୁ ଉପସ୍ଥାପନ କରିବା ସହିତ ପିନକୋର୍ଡ଼-ନିର୍ଦ୍ଦିଷ୍ଟ ରସସିକ୍ତତାକୁ ନେଇ ସମଗ୍ର ଦେଶର ଗ୍ରାହକମାନଙ୍କ ପାଖରେ ପହଂଚ଼ି ପାରିଛି। ଏହି ସିଜିନ ଏହାର ପରିସୀମାକୁ କେବଳ ମଜା ଥଟ୍ଟାରୁ ନେଇ କମେଡ଼ିର ବିବିଧ ଫର୍ମାଟ ସହିତ ଏକାଠି କରି ମୋ ଉପରେ ଅଧିକ ପ୍ରବାହିତ ହେବା ସହିତ ସ୍କେଚ଼, ରିଲ୍ସ ଏବଂ କ୍ଲିପସ ଇତ୍ୟାଦିକୁ ନିଜ ସହିତ ନେଇପାରିଛି। ସ୍ପ୍ରାଇଟ ସାମାଜିକ ଗଣମାଧ୍ୟମର ସବୁଠାରୁ ପସନ୍ଦଯୋଗ୍ୟ ଭାଇରାଲ ଅଭିନନ୍ଦନକାରୀ ଯଶରାଜ ମୁଖାଟେଙ୍କ ସହଭାଗୀତାରେ ତାଙ୍କର ସିଗନେଟୋରୀ ଶବ୍ଦ ଭିତିଭୂମିର କମେଡ଼ି କଳାତ୍ମକତାକୁ ଆଜି ଏକ ଆଶା କରାଯାଉଥିବା ତାଳକୁ ମଧ୍ୟ ରସସିକ୍ତ କରିପାରିଛି। ସହାସ୍ୟର ଟ୍ରାକରୁ ନେଇ ଆକର୍ଷଣୀୟ ପଂଚ଼ଲାଇନ୍ସ ପର୍ଯ୍ୟନ୍ତ, ଏହି ଅନନ୍ୟ ଦୃଶ୍ୟମାନ ଉପାଦାନ ବଚ଼ନବଦ୍ଧତାର ସହିତ କିଭଳି ଭାବରେ ସଙ୍ଗୀତର ଏକ ବ୍ରାଣ୍ଡ ବ୍ୟବହାର ପୂର୍ବକ ଏକ ଗଳ୍ପକାହାଣୀ ରୂପରେଖ ବୃଦ୍ଧି କରାଯାଇପାରେ ଏଥିରେ ଏକ ନୂତନ ମାନକର ପ୍ରତିଷ୍ଠା କରାଯାଇଛି। ସତେଜ, ଏକ୍ସକ୍ଲୁଜିଭ ବିଷୟବସ୍ତୁକୁ ସ୍ପ୍ରାଇଟ ସିଧାସଳଖ ଭାବରେ ଗ୍ରାହକମାନଙ୍କୁ ପ୍ରଦାନ କରିପାରିଛି ଯେଉଁଥିରେ ଯୋକ ଇନ ଏ ବଟଲ ବିଶେଷତ୍ୱ ମଧ୍ୟରେ ରହିଛି ୧୨୦ଟି ସବୁଠାରୁ ଉଚ୍ଚସ୍ତରର ବିଷୟବସ୍ତୁର ସୃଜନଶୀଳତା। ରହିଥିବା କ୍ଷୁଦ୍ର ବ୍ୟଙ୍ଗାତ୍ମକ କମେଡ଼ି ପାଇଁ ଗ୍ରାହକମାନେ ସହଜ ଭାବରେ ଏଥିରେ ରହିଥିବା କ୍ୟୁଆର କୋର୍ଡ଼ଟିକୁ ସ୍କାନ କରିପାରିବେ, ଯାହାକି ଦୈନନ୍ଦିନର ଅବସାଦକୁ ଆମୋଦ ପ୍ରମୋଦରେ ପରିବର୍ତିତ କରିବା ସହିତ ରହିଥିବା ସମସ୍ତ କ୍ଲାନ୍ତତା ଏହାର ନୂତନ ସତେଜଭରା କମେଡ଼ିର ସ୍ୱରରେ ଉଭେଇଯିବ।

# ଖୋର୍ଦ୍ଧା-ବାଘମାରୀ ବାଇପାସ୍ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୬।୩ (ମହାଭାରତ):** ବଲାଙ୍ଗୀରରୁ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ଜାତୀୟ ରାଜପଥ (ଏନ୍‌ଏଚ୍‌ଏଆଇ) -୫୭ରେ ନିର୍ମାଣାଧୀନ ଖୋର୍ଦ୍ଧା ଟାଉନ୍ ବାଇପାସ୍ କାମ ଚଳିତ ବର୍ଷ ଅଗଷ୍ଟ ୩୧ ସୁଦ୍ଧା ଏବଂ ବାଘମାରୀସ୍ଥିତ ବାଇପାସ୍ କାମ ୨୦୨୬ ଏପ୍ରିଲ ୧ ପୂର୍ବରୁ ସାରିବାକୁ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘଦିନ ଧରି ଉଭୟ ପ୍ରକଳ୍ପ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଆସୁଥିଲେ। ଲୋକଙ୍କ ସମସ୍ୟାକୁ ଆଖିଆଗରେ ରଖି ଶ୍ରୀମତୀ ଷଡଙ୍ଗୀ ଏହି ପ୍ରକଳ୍ପ ଲାଗି ଉଦ୍ୟମ କରିଥିଲେ। ୨୧୫.୪୯ କୋଟି ଟଙ୍କା ବ୍ୟୟରେ ଏସବୁ ପ୍ରକଳ୍ପ ନିର୍ମାଣ କରାଯାଉଛି।

ଆଜି ସାଂସଦ ଶ୍ରୀମତୀ ଷଡଙ୍ଗୀ ଖୋର୍ଦ୍ଧା ଟାଉନ୍ ବାଇପାସ ଓ ବାଘମାରୀ ବାଇପାସ କାମ ସମୀକ୍ଷା କରି କହିଛନ୍ତି, ଭୁବନେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀର ବିକାଶକୁ ସେ ପ୍ରାଥମିକତା ପ୍ରଦାନ କରନ୍ତି। ଲୋକଙ୍କ ସେବା କରିବା ମୋର ପ୍ରଥମ କର୍ତ୍ତବ୍ୟ ସେ କହିଛନ୍ତି, ଖୋର୍ଦ୍ଧା ଟାଉନ୍ ବାଇପାସ୍ ପ୍ରକଳ୍ପ ୨୦୨୨ରେ କେନ୍ଦ୍ରସରକାରଙ୍କ ଅନୁମୋଦନ ହାସଲ କରିଥିଲା। ବାରମ୍ବାର ଉଦ୍ୟମ ପରେ ଜାତୀୟ ରାଜପଥ ବିକାଶ ମନ୍ତ୍ରୀ ନିତିନ ଗଡକରୀ ୧୫୭.୪୯ କୋଟି ଟଙ୍କା ମଞ୍ଜୁର କରିଥିଲେୟ ଏହି କାମ ୨୦୨୩ରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ଅଗଷ୍ଟ ୩୧ ସୁଦ୍ଧା ଏହା ଉଦ୍ଘାଟିତ ହେବୟ ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ସାରିବା ଲାଗି ଠିକା ସଂସ୍ଥା ଏସ୍‌ଏସ୍ ଇନଫ୍ରାକୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୨୦ରେ ଉକ୍ତ ପ୍ରକଳ୍ପର ଅଗ୍ରଗତି ନେଇ ସାଂସଦ ଶ୍ରୀମତୀ ଷଡଙ୍ଗୀ ଆଉଥରେ ସମୀକ୍ଷା କରିବେ। ଏହି ବାଇପାସ୍ ଦ୍ୱାରା ଖୋର୍ଦ୍ଧା ଟାଉନରେ ଭିଡ ହ୍ରାସ ପାଇବ। ଆମ୍ବୁଲାନ୍ସ ଓ ଦମକଳ ଭଳି ଜରୁରୀ କାଳୀନ ଯାନବାହନ ନିର୍ବିଘ୍ନରେ ଯାତାୟାତ କରି ପାରିବ। ଜନସାଧାରଣ ମଧ୍ୟ ଉପକୃତ ହୋଇପାରିବେ।

ସେହିପରି ୫୮ କୋଟି ଟଙ୍କା ବ୍ୟୟରେ ବୋଲଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଘମାରୀ ବାଇପାସ୍ ନିର୍ମାଣ କରାଯିବ। ଏହି ବାଇପାସ୍ ୧ ଏପ୍ରିଲ୍ ୨୦୨୬ରେ ଉଦ୍‌ଘାଟନ କରାଯିବ। ତା ପୂର୍ବରୁ କାମ ସାରିବାକୁ ସାଂସଦ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବାଇପାସ୍ ଦ୍ୱାରା ନୟାଗଡ଼, ବଲାଙ୍ଗୀର, ଫୁଲବାଣୀ ଜିଲ୍ଲାବାସୀ ସୁରୁଖୁରୁରେ ଭୁବନେଶ୍ୱରକୁ ଯାତାୟାତ କରିପାରିବେ। ଲୋକଙ୍କ ଦାବି ପ୍ରତି ସମ୍ମାନ ଜଣାଇ ତୁରନ୍ତ ନିର୍ମାଣ ଶେଷ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ବାଘମାରୀ ଅଣ୍ଡର ପାସ୍ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର କରାଯିବ ବୋଲି ସାଂସଦ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବୈଠକରେ ଉପସ୍ଥି ଓପିଟିସିଏଲ୍ ଅଧିକାରୀଙ୍କୁ ସେମାନଙ୍କ କ୍ଷେତ୍ର ମଧ୍ୟରେ ରହିଥିବା ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି।

ଆଜିର ସମୀକ୍ଷା ବୈଠକରେ ବୋଲଗଡ଼ ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ପ୍ରତାପ ବିଜୁଳି, ଇଞ୍ଜିନିୟର ତଥା ସ୍ୱତନ୍ତ୍ର ସଚୀବ ଏଲ୍ ପାଢୀ, ଏନ୍‌ଏଚ୍‌ଏଆଇ ରିଜିଓନାଲ୍ ଅଫିସର୍ ଇଞ୍ଜିନିୟର ସୁନୀଲ୍ କୁମାର, ଏନ୍‌ଏଚ୍‌ଏଆଇ ସର୍କଲ ହେଡ୍ ପ୍ରଭାତ କୁମାର ମାଝୀଙ୍କ ସମେତ ଖୋର୍ଦ୍ଧା ଓ ବାଘମାରୀ ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

# ଅପାରଗ ଅଧିକାରୀଙ୍କୁ ବହିଷ୍କାର କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୬।୩ (ମହାଭାରତ):** ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ଅବସରଗ୍ରହଣ ପୂର୍ବରୁ ସରକାରୀ ସେବାରୁ ବହିଷ୍କାର କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କାର୍ଯ୍ୟରେ ସନ୍ଦେହଜନକ ରହୁଥିବା, ସଚ୍ଚୋଟତା ବା ସାଧୁତାର ଅଭାବ ଥିବା କିମ୍ବା ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କର ପ୍ରକୃତ ଅବସରଗ୍ରହଣ ସମୟ ପୂର୍ବରୁ ସରକାରୀ ସେବାରୁ ବହିଷ୍କାର କରିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏପିଜି) ବିଭାଗର ସର୍କୁଲାରକୁ କଡ଼ାକଡ଼ି ଭାବେ ପାଳନ କରିବାରୁ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଏ ସଂପର୍କରେ ରହିଥାବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବ ଆଜି ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଆଜି ସରକାରଙ୍କ ସମସ୍ତ ବିଭାଗର ସଚିବମାନଙ୍କୁ ଲେଖୁଥିଗବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସେବା କୋଡ୍‌ର ନିୟମ-୭୧( ଧାରା-କ) ଅନୁଯାୟୀ ସରକାରୀ କର୍ମଚାରୀଙ୍କ ଅକାଳ ଅବସର(ପ୍ରି-ମାଚ୍ୟୁର ରିଟାୟରମେଣ୍ଟ) ମାମଲାର ସମାଧାନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଏବଂ ପ୍ରଶାସନିକ ଦକ୍ଷତାକୁ ସୁନିଶ୍ଚିତ କରିବା ନିମନ୍ତେ ଜିଏ ଓ ପିଜି ବିଭାଗର ସର୍କୁଲାର ନଂ ୨୭୦୩୭ ତାରିଖ ୨୪.୦୯.୨୦୧୯ରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ସର୍କୁଲାରରେ ଦର୍ଶାଯାଇଥିବା ଏହି ନିୟମଗୁଡ଼ିକୁ ଅନେକ ବିଭାଗ ସମ୍ପୂର୍ଣ୍ଣ ଭାବେ ପାଳନ କରୁନଥିବା ସରକାରଙ୍କ ନଜରକୁ ଆସିଛି। ଫଳରେ ଯେଉଁ ଉଦ୍ଦେଶ୍ୟରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି, ତାହା ଫଳପ୍ରଦ ନହେବା ସହ ସଚ୍ଚୋଟତା ଓ ଦକ୍ଷତାର ମାନରେ ସୃଷ୍ଟି ଅଭାବ ଥିବା ଅଧିକାରୀ ଓ କର୍ମଚାରୀମାନେ ସରକାରୀ ଚାକିରିରେ ରହିଛନ୍ତି। ଏହା କେବଳ ବ୍ୟବସ୍ଥାରେ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁ ନାହିଁ ବରଂ ଜନସ୍ୱାର୍ଥ ପାଇଁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହେଉଛି। ତେଣୁ କାର୍ଯ୍ୟରେ ସନ୍ଦେହଜନକ ସଚ୍ଚୋଟତା ଏବଂ ଅପାରଗତା ଥିବା ବ୍ୟକ୍ତିମାନଙ୍କୁ ସରକାରୀ ସେବାରୁ ହଟାଇ ସରକାରୀ କାର୍ଯ୍ୟାଳୟଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ନିମନ୍ତେ ଜିଏ ଓ ପିଜି ବିଭାଗର ସର୍କୁଲାର ନଂ ୨୭୦୩୭ ତା-୨୪.୦୯.୨୦୧୯ ରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ନିୟମିତ ସମୀକ୍ଷା ବୈଠକୁ ଆୟୋଜନ ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ନିଜ ନିଜ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ଏ ସଂପର୍କରେ ନିର୍ଦ୍ଧାରିତ ସମୟରେ ସମୀକ୍ଷା ବୈଠକ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ନିରୀହ ଲୋକଙ୍କୁ ହତ୍ୟା

ଇସ୍ରାଏଲ ସେନା ଗାଜରେ ସ୍ଥଳପଥରେ ପ୍ରବେଶ କରିବା ସହ ଏହାକୁ ଦଖଲ କରିବା ଉଦ୍ୟମରେ ଅଛି । ଆଗକୁ ଆହୁରି କେତେ ଲୋକ ନିହତ ହେବେ ତାହା ଆକଳନ କରାଯାଇପାରିବନି । ଏଥିପାଇଁ ଇସ୍ରାଏଲକୁ ଦାୟୀ କରାଯାଇପାରିବନି । ଯୁଦ୍ଧ ବିରତି ଚୁକ୍ତି ଉଲ୍ଲଘଂନ ଲାଗି ସମ୍ପୂର୍ଣ୍ଣ ଭାବେ ହମାସ ଦାୟୀ । ଯେଉଁମାନେ ଇସ୍ରାଏଲର ନରସଂହାର ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନେ ନିଜକୁ ଧର୍ମନିରପେକ୍ଷ, ମାନବାଧି !କାର ସପକ୍ଷବାଦୀ ବୋଲି ପ୍ରମାଣିତ କରିବାକୁ ଉଦ୍ୟମ କରୁଛନ୍ତି । କିନ୍ତୁ ଯେତେବେଳେ ହମାସ ଇସ୍ରାଏଲ ସୀମାରେ ପ୍ରବେଶ କରି ଶହ ଶହ ନିରୀହ ଲୋକଙ୍କୁ ହତ୍ୟା କଲା, ଅନେକ ସାଧରଣ ବ୍ୟକ୍ତିଙ୍କୁ ଅପହରଣ କରିଥିଲା, ସେତେବେଳେ ସେମାନେ ଆଶ୍ଚର୍ଯ୍ୟଜନକ ଭାବେ ନିରବ ରହିଥିଲେ । ଗତ ଜାନୁଆରୀ ୧୯ରେ ଯେତେବେଳେ ଇସ୍ରାଏଲ ଓ ହମାସ ମଧ୍ୟରେ ଶାନ୍ତିଚୁକ୍ତି ହେଲା ସେତେବେଳେ ସମସ୍ତେ ଏହାକୁ ସ୍ୱାଗତ କରିଥିଲେ ଏବଂ ଆଶ୍ୱସ୍ତ ହୋଇଥିଲେ । ଇସ୍ରାଲରେ ମଧ୍ୟ ଖୁସିର ଲହରୀ ଖେଳିଯାଇଥିଲା । ଚୁକ୍ତି ମୁତାବକ ହସମା ଇସ୍ରାଏଲର ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା କଥା । କିନ୍ତୁ ହମାସ ଏହାକୁ ଅଣଦେଖା କରିଛି । ଅଳ୍ପ କିଛି ପଣବନ୍ଦୀଙ୍କୁ ହମାସ ମୁକ୍ତ କରିଛି । ଆଉ କିଛି ପଣବନ୍ଦୀଙ୍କ ଶବ ହସ୍ତାନ୍ତର କରିଛି । କିନ୍ତୁ ଅନ୍ୟ ପଣବନ୍ଦୀଙ୍କ ସମ୍ପର୍କରେ କିଛି ସୂଚନା ନାହିଁ । ସେମାନେ ବଂଚିଛନ୍ତି କି ନାହିଁ, ଯଦି ବଂଚିଛନ୍ତି ତେବେ ସେମାନଙ୍କୁ କେବେ ମୁକ୍ତି ମିଳିବ ସେ ସମ୍ପର୍କରେ ହମାସ ନିରବ । ହମାସ କବଜାରେ ଆଉ କେହି ଜୀବିତ ଥିବା ମନେ ହେଉନାହିଁ । ତାହା ଡାକ୍ତର ଦେବେନ୍ଦ୍ର ପ୍ରଧାନବି ହମାସ ସ୍ପଷ୍ଟ କରୁନି । ତେଣୁ ହମାସ ଉପରେ ଇସ୍ରାଏଲର ଆକ୍ରମଣ ଯଥାର୍ଥ ଏବଂ ସ୍ୱାଗତଯୋଗ୍ୟ । ନିରୀହ ବ୍ୟକ୍ତି ବିଶେଷ କରି ମହିଳା ଓ ଶିଶୁଙ୍କ ପ୍ରାଣହାନୀ ନିଶ୍ଚିତ ଭାବେ ଦୁଃଖଦାୟକ । କିନ୍ତୁ ଏଥିପାଇଁ ଇସ୍ରାଏଲ ନୁହେଁ, ହମାସ ଦାୟୀ । ଏବେ ଯୁଦ୍ଧକୁ ଇସ୍ରାଏଲ ଅଧିକ ଦିନ ଗଡ଼ାଇବା ଅନୁଚିତ । ଏଥର ଲଢ଼େଇ ନିର୍ଣ୍ଣାୟକ ହେବା ଉଚିତ । ହମାସକୁ ସମ୍ପୂର୍ଣ୍ଣ ବିଲୋପ କରିବା ପର୍ଯ୍ୟନ୍ତ ଇସ୍ରାଏଲ ଶାନ୍ତିରେ ନିଶ୍ୱାସ ମାରିବା ଅନୁଚିତ । କାରଣ ହମାସ ଭଳି ଆତଙ୍କୀ ସଙ୍ଗଠନ ସମଗ୍ର ବିଶ୍ୱ, ମାନବଜାତି ପାଇଁ ବିପଦ । ଉଲ୍ଲେଖ ଯୋଗ୍ୟ ଯେ, ୨୦୨୩ ଅକ୍ଟୋବରରେ ହମାସ ଉଗ୍ରବାଦୀମାନେ ଇସ୍ରାଏଲରେ ଅନୁପ୍ରବେଶ କରି ନିରୀହ, ନିରସ୍ତ୍ର ବ୍ୟକ୍ତିଙ୍କୁ ବିନା ଦୋଷରେ ଅତି ବର୍ବରଭାବେ ହତ୍ୟା କରିଥିଲେ ଏବଂ ଅନେକଙ୍କୁ ଅପହରଣ କରି ମୁଣ୍ଡ ଜାମିନ ରଖିଥିଲେ । ହମାସର ଏହି ବର୍ବରତାକୁ ଯେତେ ନିନ୍ଦା କଲେ ମଧ୍ୟ କମ ହେବ । ଏହା ଥିଲା ଇସଲାମିକ ମୌଳବାଦର ନଗ୍ନରୂପ । ଯେଉଁ ତଥାକଥିତ ମାନବାଧିକାର ସୁରକ୍ଷା କର୍ମୀମାନେ ଇସ୍ରାଏଲର ଆକ୍ରମଣ ପାଇଁ ନିନ୍ଦା କରୁଛନ୍ତି ସେମାନଙ୍କ ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି । ହମାସର ବର୍ବରତା ସେମାନଙ୍କୁ ଦେଖାଯାଉନି । ହମାସର ଆକ୍ରମଣ ପରେ ନିଜ ନାଗରିକଙ୍କ ସୁରକ୍ଷା ଏବଂ ପଣବନ୍ଦୀଙ୍କ ମୁକ୍ତି ପାଇଁ ଗାଜା ଉପରେ ଆକ୍ରମଣ ବ୍ୟତିତ ଇସ୍ରାଏଲ ନିକଟରେ ଅନ୍ୟ ପନ୍ଥା ନଥିଲା । ହମାସର ଶକ୍ତି କେନ୍ଦ୍ର କୁହାଯାଉଥିବା ଗାଜା ଷ୍ଟ୍ରିପ ଉପରେ ଇସ୍ରାଏଲର ଆଖି ବୁଜା ବୋମାମାଡ଼ ଚାଲିଲା । ପ୍ରାୟ ୨୦ ମାସ ହେବ ଚାଲିଥିବା ଏହି ଯୁଦ୍ଧରେ ଅନେକ ହମାସ ସଦସ୍ୟ ଏବଂ ଟପ ନେତାଙ୍କ ସମେତ ପ୍ରାୟ ୫୦ ହଜାର ପ୍ରାଣ ହରାଇଛନ୍ତି । ହମାସର ସର୍ବୋଚ୍ଚ ନେତା ସିନୱାରି ମଧ୍ୟ ଇସ୍ରାଏଲ ସେନା ଆକ୍ରମଣରେ ନିହତ ହୋଇଛି ।

# ଜୀବନର ଶେଷ ଲକ୍ଷ୍ୟ ଅଙ୍ଗଦାନ

“ ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ୍ରେଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ୱାରେ ଚିରାଯାଏ ।

**॥ ଉମେଶ ଚନ୍ଦ୍ର ପାତ୍ର ॥**

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଆମ ଦେଶରେ ଯକୃତ, ବୃକକ୍, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ ଦାନ କରାଯାଏ । ଅଙ୍ଗଦାନ ଦୁଇ ପ୍ରକାରର ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ ମଧ ଜୀବିତ ବ୍ୟକ୍ତି ଦାନ କରିପାରିବେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡେ଼ଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡେ଼ଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ୱାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନର୍ କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ ‘ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪’ ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତିତ, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଦରଦାମ ନିର୍ଣ୍ଣାୟକ ହୋଇପାରେ

**॥ ସୌଭାଗ୍ୟ ରଂଜନ ମହାନ୍ତି ॥**

ଦେଶରେ ୨୦୨୪ ସାଧାରଣ ନିର୍ବାଚନ ଆଉ ମାତ୍ର ଆଠ ମାସରୁ କମ ସମୟ ବାକି ଥିବାବେଳେ ଏନଡିଏ, ଇଣ୍ଡିଆ(ଇନଡିଆ) ଏବଂ ଏହି ଦୁଇ ମେଂଟରୁ ବାହାରେ ଥିବା ରାଜନୈତିକ ଦଳଗୁଡିକ ଏବେ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ଦେଇଛନ୍ତି । କେଉଁ କେଉଁ ପ୍ରସଙ୍ଗ ନେଇ ସେମାନେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବେ, ସେ ନେଇ ମଧ ବ୍ୟାପକ ବିଚାର ବିମର୍ଷ ଆରମ୍ଭ କରିଦେଲେଣି ନିର୍ବାଚନ ସମୟ ଯେତିକି ଯେତିକି ପାଖେଇ ଆସୁଛି, ଦେଶରେ ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢିଚାଲିଛି । ଡାଲି, ଚାଉଳ, ଅଟା ଠାରୁ ଆରମ୍ଭ କରି ପନିପରିବା ଦର ଏବେ ଲଗାମ ଛଡା ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ । କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ଇନ୍ଧନ ଗ୍ୟାସ ମଧ ଏବେ ଉପର ମୁହାଁ । ଗତ ୨୦୧୪ରେ ବିଜେପି କ୍ଷମତାକୁ ଆସିବା ବେଳେ ଦେଶରେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ୪୯୮ ଟଙ୍କା ଥିବାବେଳେ ଏବେ ବିଜେପି ନେତୃତ୍ୱରେ ଏନଡିଏ ଶାସନର ୯ବର୍ଷ ପରେ ୧୧୨୭ ଟଙ୍କାରେ ପହଁଚିଛି । ଯାହାକି ୩ଗୁଣ ବୃଦ୍ଧି ପାଇଛି ସେହିପରି ପେଟ୍ରୋଲ ଓ ଡିଜେଲର ଲିଟର ପିଛା ମୂଲ୍ୟ ଏବେ ଶହେ ଟଙ୍କା ଉପରେ ରହିଛି । ଅବଶ୍ୟ ଗତ ୧୭ମାସ ଧରି ଏହାର ଦୈନନ୍ଦିନ ମୂଲ୍ୟ ବୃଦ୍ଧି ଘଟିନାହିଁ । ମାତ୍ର ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଲର ବ୍ୟାରେଲ ପିଛା ମୂଲ୍ୟ ଏବେ ଆଶାତୀତ ଭାବେ ହ୍ରାସ ପାଇଥିଲେ ମଧ ଦେଶରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ମୂଲ୍ୟ ବଢୁଛି ସିନା କମିବାର ନାଁ ଧରୁନାହିଁ । ଏହା ନିଶ୍ଚିତ ଯେ, ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ଦେଶରେ ବିଭିନ୍ନ ସାମଗ୍ରୀର ପରିବହନ ଜନିତ ବ୍ୟୟ ବୃଦ୍ଧି କରିଥିବାବେଳେ ସାମଗ୍ରୀର ମୂଲ୍ୟ ମଧ ବୃଦ୍ଧି କରିଛି । ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଗୋଟିଏ ଦଶନ୍ଧି ପୂର୍ବରୁ ଯେତେବେଳେ ପେଟ୍ରୋଲ, ଡିଜେଲର ମୂଲ୍ୟ ବୃଦ୍ଧି ପାଉଥିଲା, ସେତେବେଳେ ବିରୋଧି ରାଜନୈତିକ ଦଳଗୁଡିକ ପ୍ରତିବାଦର କୌଣସି ସୁଯୋଗ ହାତଛଡା କରୁନଥିଲେ । ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଆଡେ ପ୍ରତିବାଦରେ କମ୍ପି ଉଠୁଥିଲା । ଏପରି କି ତୈଳ ଦର ବୃଦ୍ଧି ପ୍ରତିବାଦରେ ବନ୍ଦ ପାଳନର ବହୁ ନଜୀର ମଧ ରହିଛି । ମାତ୍ର ଏବେ ଆଉ ସେପରି ସ୍ଥିତି ନାହିଁ । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ମୂଲ୍ୟ ବଢିଲେ ମଧ ଆଉ ପ୍ରତିବାଦର ସ୍ୱର ଶୁଭୁନାହିଁ । କେବଳ ଏତିକି ନୁହେଁ, ଦରଦାମ ବୃଦ୍ଧି ପ୍ରସଙ୍ଗ ନିର୍ବାଚନରେ ଶାସକ ଦଳ ବିରୁଦ୍ଧରେ ବିରୋଧି ଦଳର ମୁଖ୍ୟ ଆୟୁଦ୍ଧ ଥିଲା । ଦରଦାମ ବୃଦ୍ଧି ପ୍ରସଙ୍ଗକୁ ନେଇ ଅତୀତରେ ବହୁ ସରକାର କ୍ଷମତାଚ୍ୟୁତ ହୋଇଛନ୍ତି । ସ୍ମରଣ ଯୋଗ୍ୟ ଯେ, ପିଆଜର କିଲୋ ପିଛା ମୂଲ୍ୟ ୪୦ଟଙ୍କା ଟପିଯିବା ଯୋଗୁଁ ୨୫ବର୍ଷ ତଳେ ବିଜେପି ଚାରୋଟି ରାଜ୍ୟ ତଥା ମଧ୍ୟପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ ଏବଂ ହିମାଚଳ ପ୍ରଦେଶରେ କ୍ଷମତାଚ୍ୟୁତ ହୋଇଥିଲା । ଏହାର ପରବର୍ତୀ ସମୟରେ ବହୁବାର ପିଆଜର ମୂଲ୍ୟ ଶହେ ଟଙ୍କା ଟପିଥଲେ ମଧ ନିର୍ବାଚନ ଉପରେ ଏହାର କୌଣସି ପ୍ରଭାବ ପଡୁଥିବ ମନେହୁଏ ନାହିଁ । ଏବେ ଟମାଟୋର କିଲୋ ପିଛା ଦର ୨୦୦ଟଙ୍କା ଉପରେ ରହିଛି । ଯାହାକି ସର୍ବକାଳୀନ ରେକର୍ଡ ବୋଲି କୁହାଯାଇପାରେ । କେବଳ ଟମାଟୋ ନୁହେଁ ଡାଲି, ଚାଉଳ, ଅଟା’ର ମୂଲ୍ୟ ମଧ ଆକାଶଛୁଆଁ ହୋଇଛି । ଗରିବ, ମଧବିତ ପରିବାର ହାଣ୍ଡିଶାଳ ଉପରେ ସିଧାସଳଖ ଚଡକ ପଡିଛି ବୋଲି କହିଲେ ହୁଏତ ଭୁଲ ହୋଇନପାରେ । ଏବେ କୌଣସି ଏକ ସାମଗ୍ରୀର ଆକାଶଛୁଆଁ ମୂଲ୍ୟ ବୃଦ୍ଧି ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବାର ଆଦୌ ସମ୍ଭାବନା ଥାଇନପାରେ । କିନ୍ତୁ ଭୋଟଦାତାଙ୍କ ପେଟର ଜ୍ୱାଳା ସରକାରଙ୍କୁ କ୍ଷମତାଚ୍ୟୁତ କରିବାର ଆଶଙ୍କାକୁ ଅଣଦେଖା କରାଯାଇନପାରେ । ଅନ୍ୟପକ୍ଷରେ ନିର୍ବାଚନରେ ଭୋଟଦାତାଙ୍କୁ ଆକର୍ଷିତ କରିବା ପାଇଁ ମାଗଣା ସାମଗ୍ରୀ ବଂଟନ ସହ ଲୋଭନୀୟ ଜନକଲ୍ୟାଣକାରୀ ଯୋଜନାର ପ୍ରତିଶ୍ରୁତି ଘୋଷଣା ରାଜନୈତିକ ଦଳମାନଙ୍କର ଏକ ପରମ୍ପରାରେ ପରିଣତ ହୋଇଗଲାଣି । ରାଜନୈତିକ ଦଳଗୁଡିକର ଲୋଭନୀୟ ମାଗଣା ଘୋଷଣା ନିକଟରେ ଦରଦାମ ବୃଦ୍ଧି ପ୍ରଭାବ ହୀନ ହୋଇପଡୁଥିବା ମନେହୁଏ । ନିକଟରେ ପ୍ରଧାନମନ୍ତ୍ରୀ ଭାରତକୁ ତୃତୀୟ ଅର୍ଥନୈତିକ ଶକ୍ତିରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସାଧାରଣ ନିର୍ବାଚନରେ ଏହା କି ପ୍ରଭାବ ପକାଇବ, ଭବିଷ୍ୟତ ହିଁ କହିବ । ଅତୀତରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଦେଶରେ ଆର୍ଥୀକ ସଂସ୍କାରକୁ ଆଗେଇ ନେବା ସହ ଆର୍ଥୀକ ଅଭିବୃଦ୍ଧି ୮.୫ ପ୍ରତିଶତରେ ପହଁଚାଇଥିଲେ । ମାତ୍ର ୨୦୦୪ ନିର୍ବାଚନରେ ସରକାର କ୍ଷମତାଚ୍ୟୁତ ହୋଇଥିଲା । ୨୦୧୩ ମସିହାରେ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ସରକାର ଲୋକଙ୍କ ନିକଟରେ ବିଭିନ୍ନ ଯୋଜନାର ଆର୍ଥୀକ ସହାୟତା ପହଁଚାଇବା ଲାଗି ହିତାଧିକାରୀଙ୍କ ଖାତାକୁ ସିଧାସଳଖ ଅର୍ଥ ହସ୍ତାନ୍ତର (ଡିବିଟି) ଯୋଜନା ସହ ଲୋକାଦୃତ ଖାଦ୍ୟ ସୁରକ୍ଷା ଯୋଜନା ଆଇନ ପ୍ରଣୟନ କରିଥିଲେ । ମାତ୍ର ୨୦୧୪ ନିର୍ବାଚନରେ ୟୁପିଏ ଘୋର ବିପର୍ଯ୍ୟାୟ ସମ୍ମୁଖୀନ ହୋଇଥିଲା । ଏବେ କଂଗ୍ରେସ ନିଜର ସତା ରକ୍ଷା କରିବା ପାଇଁ ଲାଗି ପଡିଛି । ଉପରୋକ୍ତ ଘଟଣାବଳୀରୁ ଏହା କୁହାଯାଇପାରେ ଆର୍ଥୀକ ବିକାଶ, ଭୋଟଦାତାଙ୍କ ଉପରେ କୌଣସି ପ୍ରଭାବ ପକାଏ ନାହିଁ କି ପ୍ରଭାବିତ କରେ ନାହିଁ । ମାତ୍ର ଦରଦାମ ବୃଦ୍ଧିକୁ ଭୋଟଦାତା ସାମୟିକ ପାଶୋରୀ ଯାନ୍ତି । କିନ୍ତୁ ପେଟର ଜ୍ୱଳାକୁ ନୁହେଁ । ଏହା ରାଜନୈତିକ ଦଳମାନଙ୍କୁ ମନେ ରଖିବାକୁ ହେବ । ୨୦୨୪ ସାଧାରଣ ନିର୍ବାଚନରେ ଦରଦାମ ବୃଦ୍ଧି ନିର୍ଣ୍ଣାୟକ ଭୂମିକା ନେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଭାବନାତ୍ମକ ଅପହରଣ ଓ ଅବସାଦ

**॥ ଡାକ୍ତର ସମ୍ରାଟ କର ॥**

ବହୁତ ବ୍ୟସ୍ତତା ଭିତରେ ବାରମ୍ବାର ଫୋନ କଲାପରେ ଅନୁଲିପ ବନ୍ଧୁ ଅନୁଜ ପ୍ରତିମ ଶ୍ରୀକାନ୍ତର ଫୋନଟି ସେଦିନ ବହୁତ ବ୍ୟସ୍ତଭରା ଥିଲା । ସେ ବିଶେଷ ଭାବେ ବ୍ୟସ୍ତ ଥିଲା ତାର ବନ୍ଧୁ ସୁପ୍ରୀତି ବିଷୟରେ । ସେ ମୋତେ କହିଲେ ଯେ କିଛି ଘଟଣାକୁ ନେଇ ସୁପ୍ରୀତି ମାନସିକ ଭାବେ ଅସନ୍ତୁଳନରେ ରହିଛି । କିନ୍ତୁ ସେ କାହାକୁ କିଛି ନଜଣାଇ ସହଜେ ଶାରୀରିକ ଭାବେ ଦୁର୍ବଳ ମଧ ହୋଇଗଲାଣି ଏବଂ ଚୁପଚାପ ରହିବା ସହ ତା ଦୈନନ୍ଦିନ କାର୍ଯ୍ୟମଧ ବାଧାପ୍ରାପ୍ତ ହେଉଛି । ସେ ମୋ ଠାରୁ ସବିଶେଷ ଭାବେ ଏ ସଂକ୍ରାନ୍ତରେ ଜାଣିବା ପାଇଁ ଚାହୁଁଥିଲେ ମୁଁ ତାଙ୍କୁ କହିଲି ଏସବୁ ଘଟଣା ହେଉଛି, ସ୍ୱାସ୍ଥ୍ୟ ସମସ୍ୟା, ସମ୍ପର୍କ ସମସ୍ୟା, ଚାକିରି ହରାଇବା, ଅର୍ଥ ସଙ୍କଟ, ଏସବୁ ବିଷୟରେ ଲୋକମାନେ ଭାବି ଚିନ୍ତା ଏବଂ ଅବସାଦରେ ରହନ୍ତି । କିଛି ଅବସାଦଗ୍ରସ୍ତ ଲୋକ ଏସବୁ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆତ୍ମହତ୍ୟାର ରାସ୍ତା ବାଛିଥାନ୍ତି । ଆମ ମାନସିକ ସ୍ୱାସ୍ଥ୍ୟ କେତେ ଦୁର୍ବଳ ଏଥିରୁ ଜଣାପଡ଼େ । ଚିନ୍ତା, ଅବସାଦ ପରି ସେମିତି ଏକ ମାନସିକ ସମସ୍ୟା ହେଉଛି ଇମୋସନାଲ ହାଇଜ୍ୟାକ୍ ।

ଏହି ମାନସିକ ସ୍ଥିତି ବିଷୟରେ ଅଧିକାଂଶ ଲୋକ ଜାଣିପାରନ୍ତି ନାହିଁ । ଅବସାଦ ପରି ଇମୋସନାଲ ହାଇଜ୍ୟାକ୍ ମଧ ଏକ ପ୍ରକାର ମାନସିକ ସମସ୍ୟା । ଭାବନାତ୍ମକ ଅପହରଣ ବା ଇମୋସନାଲ ହାଇଜ୍ୟାକ ଏମିତି ଏକ ମାନସିକ ସ୍ଥିତି, ଯାହା ଜଣେ ବ୍ୟକ୍ତିର ଭାବନା ଏବଂ ବିଚାର କରିବାର ଅନୁଭବ ଠାରୁ ଦୂରକୁ ନେଇଯାଏ । ଏହି ଅବସ୍ଥାରେ ବ୍ୟକ୍ତି ନିଜର ସ୍ୱତନ୍ତ୍ରତା ଏବଂ ସ୍ୱୟଂ ପ୍ରତି ନିୟନ୍ତ୍ରଣ ହରାଇ ବସେ ଏବଂ ନିଜର ଜୀବନକୁ ବୁଝିବା ଏବଂ ନିୟନ୍ତ୍ରଣ କରିବାରେ ସମସ୍ୟା ହୋଇଥାଏ । ଯେଉଁଥିରେ ଏହା ଜଣେ ବ୍ୟକ୍ତିର ସାମାଜିକ ଏବଂ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିଥାଏ । ଉଦାହରଣ ସ୍ୱରୂପ ବେଳେ ବେଳେ ଆମେ ଭୁଲ କଲେ ମଧ ସେହି ଭୁଲ ବିଷୟରେ ଚିନ୍ତା କରିନଥାଉ । କିନ୍ତୁ ଇମୋସନାଲ ହାଇଜ୍ୟାକିଙ୍ଗ ସ୍ଥିତିରେ ଘଟଣା ଘଟିବା ପରେ ନିଜ ଦ୍ୱାରା ଦିଆଯାଇଥିବା ପ୍ରତିକ୍ରିୟା ବିଷୟରେ ଭାବିଥାଉ ଆମେ ଏମିତି କାହିଁକି କଲୁ । ଏମିତି କରିବାର ନଥିଲା । ଯଦି ଆହୁରି ସହଜ ଶବ୍ଦରେ ବୁଝିବେ, ତାହେଲେ ବିନା କାରଣରୁ ଯଦି ଆପଣ କାହାକୁ ପାଟିକରିବେ କିମ୍ବା ଅନ୍ୟ କାହାର ଭୁଲ ପାଇଁ ନିଜର ପିଲାକୁ କିମ୍ବା ନିଜ ପରିବାର ଲୋକଙ୍କ ଉପରେ ଚିଲାଇବେ । ପରେ ଏହି ବିଷୟରେ ଭାବିବେ ଆପଣ କାହିଁକି ଏମିତି କଲେ ? ଏମିତି ସ୍ଥିତିକୁ ଇମୋସନାଲ ହାଇଜ୍ୟାକ ବା ଆମିଗଡ଼ାଲା ହାଇଜ୍ୟାକ କୁହାଯାଇଥାଏ । କେବେ କେବେ ଏହି ଘଟଣା ସାଧାରଣ ହୋଇଥାଏ । କିନ୍ତୁ ଆପଣଙ୍କ ସହିତ କିମ୍ବା ଆପଣଙ୍କ ସାଙ୍ଗସାଥିଙ୍କ ସହିତ ଏମିତି ବାରମ୍ବାର ହେଉଥିଲେ ସତର୍କ ହୁଅନ୍ତୁ । କାରଣ ଏହା ଇମୋସନାଲ ହାଇଜ୍ୟାକିଙ୍ଗ ସମସ୍ୟା ହୋଇପାରେ । କୌଣସି କାରଣରୁ ରାଗିବା, ମନରେ ଭୟ ସୃଷ୍ଟି ହେବା, ଆବଶ୍ୟକତା ଠାରୁ ଅଧିକ କାହାକୁ ଭଲ ପାଇବା, ନିଜକୁ ଘୃଣା କରିବା, କୌଣସି କଥା ପାଇଁ ନିରାଶ ରହିବା ଏସବୁ ଇମୋସନାଲ ହାଇଜ୍ୟାକିଙ୍ଗ ସ୍ଥିତି ସୃଷ୍ଟି କରିଥାଏ । ଏସବୁ କ୍ଷେତ୍ରରେ ରୋଗୀଟିର ଆଖପାଖ ଲୋକଙ୍କର ଗୁରୁ ଦାୟିତ୍ୱ ରହିଛି । ସେମାନେ ସବୁବେଳେ ତା ପାଖେ ପାଖେ ରହିବା ସହ ତାକୁ ମାନସିକ ଭାବେ ସମର୍ଥନ ଓ ସହାନୁଭୂତି ଦିଅନ୍ତୁ । ତାଙ୍କୁ ନିଃସଙ୍ଗ ବା ଏକଲାପଣ ଠାରୁ ଦୂରେଇ ରଖନ୍ତୁ । ସେ ଯେପରି ଏକ ଭଲ ସ୍ୱାସ୍ଥ୍ୟଗତ ରୁଟିନରେ ରହିବେ ସେ ଦିଗ ପ୍ରତି ସଚେତନ ରୁହନ୍ତୁ । ତାଙ୍କ ପାଇଁ ସୁଷମ ଖାଦ୍ୟ ଭଲ ସେ ଯେପରି ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବେ ସେ ଦିଗକୁ ଦେଖନ୍ତୁ । ଏହା ସେପରି ଏକ ମାନସିକ ରୋଗ ନୁହେଁ । କିନ୍ତୁ ନିୟମିତ ଭାବେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ଅଂଶୁଘାତ ପାଇଁ ସଚେତନ କଲେ ଧୁମାଭଟା ସରପଞ୍ଚ ବନମାଳି ନାଏକ



ପାଟଣାଗଡ଼ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ଧୁମାଭଟା ଗ୍ରାମ ପଞ୍ଚାୟତରେ ସବ୍ ସେଣ୍ଟର ଠାରେ ସମସ୍ତ ଅଙ୍ଗନୱାଡି କର୍ମୀ ଓ ଆସା କର୍ମୀ , ଏନମ୍ , ସିଏସ୍ ଓ , ମାନଙ୍କୁ ନେଇ ଏକ ଜରୁରୀ ବୈଠକ ହୋଇଥିଲା , ଖରା ଦିନକୁ ବଢିବାରେ ଲାଗିଛି , ଧୁମାଭଟା ଗ୍ରାମ ପଞ୍ଚାୟତ ର ସମସ୍ତ ଗାଁରେ ଗାଁରେ ରେ ଅଂଶୁଘାତ ପାଇଁ ସମସ୍ତ ଲୋକ ମାନଙ୍କୁ ସଚେତନ କରିବା ପାଇଁ ନିର୍ଦେଶ ଜାରି କରିଥିଲି । ପାନିୟଜଳ ସମସ୍ୟ ଉପରେ ନଜର ଦେବା ପାଇଁ ମଧ୍ୟ କହିଥିଲି ଏବଂ ଘର ଘର ବୁଲି ସମସ୍ତ କୁ ବୁଝାଇବା ଅଧିକ ଖରା ରେ ଘରୁ ନ ବାହାରିବା ପାଇଁ କହିବା ପାଇଁ କହିଥିଲେ କର୍ମୀ ମାନଙ୍କୁ। ଯେ କୌଣସି କାହାର ଅସୁବିଧା ହେଲେ ସାଙ୍ଗେ ସାଙ୍ଗ ଡାକ୍ତର ପରାର୍ମସ ନେବା ସହିତ ଏମ୍ବୁଲେସ୍ କୁ ମଧ୍ୟ ଯୋଗାଯୋଗ କରିବା ପାଇଁ କହିଥିଲେ ସରପଞ୍ଚ ବନମାଳି ନାଏକ।

# ଅବ୍ୟବସ୍ଥାରେ ତାଳପଙ୍ଗା ଅଙ୍ଗନବାଡ଼ି କେନ୍ଦ୍ର ଅଭିଯୋଗ କଲେ ଗ୍ରାମବାସୀ



କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ବାଲନ୍ଧାପଡା ଗ୍ରାମପଞ୍ଚାୟତ ତାଳପଙ୍ଗା ଗ୍ରାମର ଅଙ୍ଗନବାଡ଼ି ଛାତ୍ରଛାତ୍ରୀ ତଥା ଅଙ୍ଗନବାଡ଼ି କେନ୍ଦ୍ରର କୋମଳ ମତି ଶିଶୁ ମାନଙ୍କ ପାଇଁ ପାଚେରୀ, ପାନୀୟ ଜଳ, ବିଦ୍ୟୁତ ରୋଷେଇ ଗୃହ ବ୍ୟବସ୍ଥା କରିଥିବା ବେଳେ ତାହା କେଉଁଠି କାର୍ଯ୍ୟକାରୀ ହେଉଛି ତ ଆଉ କେଉଁଠି ଆଜି ପର୍ଯ୍ୟନ୍ତ ସୁବିଧା ପହଞ୍ଚି ପାରିନାହିଁ। ଏମିତି ଅବ୍ୟବସ୍ଥାରେ ଚାଲୁଥିବା ଅଙ୍ଗନବାଡ଼ି କେନ୍ଦ୍ର ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ବାଲନ୍ଧାପଡ଼। ପଞ୍ଚାୟତ ଅନ୍ତର୍ଗତ ତାଳପଙ୍ଗା ଅଙ୍ଗନବାଡ଼ି କେନ୍ଦ୍ରରେ। ଏହି ତାଳପଙ୍ଗା ଅଙ୍ଗନବାଡ଼ି କେନ୍ଦ୍ରରେ ସର୍ବ ମୋଟ ୨୫ ଜଣ କୋମଳ ମତି ଶିଶୁ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ।ତାଳପଙ୍ଗା ଗାଁ ରେ ସର୍ବ ମୋଟ ୪୫ ଘର ଅଛନ୍ତି। କିନ୍ତୁ ଆଜି ବି ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ପାଚେରୀ, ରୋଷେଇ ଗୃହ, ବିଦ୍ୟୁତ୍, ପାନୀୟ ଜଳ ନଥିବାରୁ ତାଳପଙ୍ଗା ଅଙ୍ଗନବାଡ଼ି କେନ୍ଦ୍ରର କୋମଳ ମତି ଶିଶୁ ଛାତ୍ରଛାତ୍ରୀ ମାନେ ବହୁତ ଅସୁବିଧା ରୁ ସମ୍ମୁଖୀନ ହେଉଛନ୍ତି ।ଅଙ୍ଗନବାଡ଼ି କର୍ମୀ ଙ୍କୁ ପଚାରିବାରୁ ଏଇଟା ରେ କୌଣସି ସୁବିଧା ନାହିଁ ବୋଲି କହିଛନ୍ତି ।ବହୁଥର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦାବି କରି ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ ତାଳପଙ୍ଗା ଆମ ଅଙ୍ଗନବାଡ଼ି କେନ୍ଦ୍ରରେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ ଦେଇ ତୁରନ୍ତ ପାଚେରୀ, ରୋଷେଇ ଗୃହ, ବିଦ୍ୟୁ, ପାନୀୟ ଜଳ ସମସ୍ୟା କୁ ସମାଧାନ କରିବା ପାଇଁ ପ୍ରତାପ କୁମାର କହଁର,ଗୌରାଙ୍ଗ କହଁର , ନିରଞ୍ଜନ କହଁର, ଗଣେଶ କହଁର, ଗୁପ୍ତେଶ୍ଵର କହଁର,ସଂକିର୍ତନ କହଁର, ପ୍ରଦିପ କହଁର,ଦେବଗଣ କହଁର, ଅର୍ଜୁନ କହଁର,ସଞ୍ଜିବନ କହଁର, ନର୍ତ୍ତମ କହଁର ସମେତ ଗ୍ରାମ ବାସି ଦାବି କରିଛନ୍ତି।

## ନବରଙ୍ଗପୁରଠାରେ ବିଶ୍ ଯକ୍ଷ୍ମା ଦିବସ ପାଳିତ

ନବରଙ୍ଗପୁର (ମହାଭାରତ): ଆଜି ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ ଗୃହରେ ଜିଲ୍ଲା ମୂଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡ ନବ କିଶୋର ବେହେରାଙ୍କ ଅଧକ୍ଷତାରେ ବିଶ୍ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଆସନ୍ତା ୨୦୩୦ ସୁଦ୍ଧା ଦେଶକୁ ଯକ୍ଷ୍ମା ମୁକ୍ତ ଭାରତବର୍ଷ ରୂପେ ଦେଖିବାକୁ ଆମ ସମସ୍ତଙ୍କ ମିଳିତ ଦାୟିତ୍ଵ ରହିଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା ।ସଭାରେ ଅନ୍ୟମାନଂକ ମଧରେ ଏ ଡି ପି ଏଚ ଓ ( ଏଫ୍ ଡବ୍ଲୁ) ଡ ମଳୟ ତ୍ରିପାଠୀ, ଏ ଡି ପି ଏଚ ଓ ( ଟିବି) ଡ ସୁକାନ୍ତ ଶତପଥୀ, ଡି ଆଇ ପି ଆର୍ ଓ ମନୋଜ ବେହେରା, ଏ ଡି ଡବ୍ଲୁ ଓ ଭାରତ ଚନ୍ଦ୍ର ସାହୁ ଙ୍କ ସମେତ ଶିକ୍ଷା ବିଭାଗ ଅଧିକାରୀ,ସମାଜ କଲ୍ୟାଣ ବିଭାଗ ଅଧିକାରୀ,ବିଦ୍ୟା ନିକେତନ ଉଚ୍ଚ ମାଧମିକ ବିଦ୍ୟାଳୟ ର ଅଧକ୍ଷ ଓ ଛାତ୍ର ଛାତ୍ରୀ,ନର୍ସିଂ କଲେଜ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।ଯକ୍ଷ୍ମା ଏକ ବାୟୁ ବାହିତ ସଂକ୍ରାମକ ରୋଗ ଏବଂ ଏହାର କାରଣ,ନିରାକରଣ, ଚିକିତ୍ସା, ପ୍ରତିରୋଧ ପାଇଁ ପ୍ରଚାର ଉପରେ ଉପସ୍ଥିତ ଡାକ୍ତରମାନେ ସବିଶେଷ ଆଲୋଚନା କରିଥିଲେ। ଚଳିତ ବର୍ଷର ଯକ୍ଷ୍ମା ନିରାକରଣ ନିମନ୍ତେ ପ୍ରତିବଦ୍ଧତା, ନିବେଶ ଓ ସଫଳ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଯକ୍ଷ୍ମା ର ଅନ୍ତ କରିବାସନ୍ଦେଶ ରହିଛି ।ଏହି ରୋଗ ହେଲେ ଅଣ ଦେଖା ନ କରି ଡାକ୍ତର ଖାନା ରେ ମାଗଣା ରେ ମିଳୁଥିବା ଔଷଧ ସେବନ ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ଗ୍ରହଣ କରିବାକୁ ଡି ପି ଏ ଚ ଓ ଡ ବେହେରା କହିଥିଲେ। ଗ୍ରାମ,ପଞ୍ଚାୟତ ସ୍ତର,ବ୍ଲକ୍ ଏବଂ ସହର ରେ ଏହି ଯକ୍ଷ୍ମା ରୋଗର ସମୁଳେ ବିନାଶ ପାଇଁ ବ୍ୟାପକ ପ୍ରସ୍ତୁତି,ସ୍ୱାସ୍ଥ୍ୟ କେନ୍ଦ୍ରରେ ଔଷଧ ମହଜୁଦ, ଔଷଧ ସେବନ,ବୀ ସି ଜି ଟୀକାକରଣ,ବାୟୁ ଚଳାଚଳ କୋଠରୀରେ ରହିବାବ୍ୟବସ୍ଥା , ପୃଷ୍ଟିକର ଖାଦ୍ୟ ଗ୍ରହଣ,ବିଶେଷ ପ୍ରଚାର ଓ ସଚେତନତାକୁ ଗୁରୁତ୍ଵ ଦେବାକୁ ଅତିଥି ମାନେ କହିଥିଲେ ।ଏହି ଅବସରରେ ଯକ୍ଷ୍ମା ଦିବସ ଉପରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏ ଡି ପି ଏଚ ଓ ( ଯୋଗାଯୋଗ) ରାମହରି ପଣ୍ଡା ସଭାର ସଂଯୋଜନା କରିଥିଲେ ।

## ଚୋରି ହୋଇଥିବା ଫାର୍ମାସିଷ୍ଟଙ୍କ କାର ଜଙ୍ଗଲ ରୁ ଉଦ୍ଧାର ,

ଦାନଗଦି:( ମହାଭାରତ) ଗତ ୨୪ ତାରିଖ ସୋମବାର ଅପରାହ୍ନ ରେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ଫାର୍ମାସିଷ୍ଟ ଙ୍କ କାର ଓଡ଼ି୩୪ବି୪୧୧୧ କୁ ଚୋରି ନେଇ ଦାନଗଦି ଫାଣ୍ଡିରେ ଅଭିଯୋଗ ହୋଇଥିଲା । ପରେ ପୋଲିସ ତଦନ୍ତ ପ୍ରକିୟା ଜାରି ରଖିଥିବା ବେଳେ ପରେ ଦାନଗଦି ପୋଲିସ କୁ ମିଳିଛି ବଡସଫଳାତା। ଲୁଟିଆ ଟମକା ଥାନା ଅନ୍ତର୍ଗତ ନଛିପୁରା ଗ୍ରାମର ବିଦ୍ୟାଧର ବିଦ୍ଧାଣି ଫାର୍ମାସିଷ୍ଟ ପ୍ରସନ୍ତ ପଣ୍ଡାଙ୍କ କାର ଟିକୁ ନେଇ ଫେରାର ହୋଇଥିବାବେଳେ ବିଶେଷ ସୂତ୍ରରୁ ମିଳିଥିଲା ଖବର ଅନୁଯାୟୀ କାର ଟିକୁ ଲୁଟିଆ ରଗଡ଼ି ସ୍ଥିତ ଶଶୁର ଘର ନିକଟସ୍ତ ଜଙ୍ଗଲ ରେ ଲୁଚାଇ ରଖିଥିଲା, ଅଭିଯୋଗ ମୁତାବକ ପୋଲିସ ତାର ତଦନ୍ତ ଜାରିରଖିଥିବାବେଳେ ଟମକା ଥାନା ଅନ୍ତର୍ଗତ ନଛିପୁରା ଗ୍ରାମର ବିଦ୍ୟାଧର ବିଦ୍ଧାଣି କାର ଟିକୁ ମେଡିକାଲ ପରିସରରୁ ନେଇ ଛୁ ମରିଥିଲା। ପରେ ଦାନଗଦି ଫାଣ୍ଡି ଅଧିକାରୀ ଅମୂଲ୍ୟ ମିଶ୍ର ଗାଡ଼ି କୁଜଙ୍ଗଲରୁ ଉଦ୍ଧାର କରିବାସହିତ ଲୁଟିଆ ବିଦ୍ୟାଧରକୁ ଗିରଫ କରି ଅଦାଲତ କୁ ପଠାଇଥିଲେ।

## ଉଦଲା ଶିଶୁ ବାଟିକା ଆଧାରିତ କର୍ମଶାଳା 'ପ୍ରସ୍ତୁତି' ଅନୁଷ୍ଠିତ



କପ୍ତିପଦା /ଉଦଳା -(ମହାଭାରତ ): କପ୍ତିପଦା ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ,ଉଦଳା ତରଫରୁ ଅନୁଷ୍ଠିତ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ପାଇଁ ପକ୍ଷ□ଦିବସୀୟ ଶିଶୁ ବାଟିକା ଆଧାରିତ କର୍ମଶାଳା 'ପ୍ରସ୍ତୁତି' ସ୍ଥାନୀୟ ଉଦଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦଳା ବ୍ଲକର ୧୨୬ଟି ପ୍ରାଥମିକ ବିଦ୍ୟାଳୟ ରୁ ଉଦଳାବ୍ଲକରୁ ଆସିଥିବା ୧୨୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିତିଶ କୁମାର ଘୋଷ ଉଦଘାଟନ କରିଥିଲେ। ଏହି ଅବସରରେ ଉଦଳା ବ୍ଲକ ଗୋଷ୍ଠୀ ସାଧନ ସଂଯୋଜିକା ମିନତି ପଣ୍ଡା ପ୍ରଶିକ୍ଷଣ ପେଟିକାର ଆଭିମୁଖ୍ୟ ତଥା ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ ଓ ଆଦ୍ୟ ଶୈଶବ ଶିକ୍ଷାର ଗୁରୁ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଉଦଳା ବ୍ଲକର ଶିକ୍ଷକ ପ୍ରଶିକ୍ଷିକା ନିବେଦିତା ପ୍ରଧାନ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଦୁର୍ଯୋଧନ ଦଳେଇ, ଶିକ୍ଷକ ପ୍ରଶିକ୍ଷକ ସତ୍ୟେନ୍ଦୁ କୁମାର ଜେନା, ଶିକ୍ଷକ ପ୍ରଶିକ୍ଷକ ପ୍ରଦୀପ ପଣ୍ଡା, ଶିକ୍ଷକ ପ୍ରଶିକ୍ଷିକା ଅସୀମା ଅରୁନ୍ଧତୀ, ଶିକ୍ଷକ ପ୍ରଶିକ୍ଷକ ଶାନ୍ତନୁ ନାୟକ, ନରୋତ୍ତମ ପ୍ରଧାନ,ତପନ ମହାନ୍ତ, ସାଧନକର୍ମୀ ଭାବରେ କର୍ମଶାଳାକୁ ସୂଚାରୁରୂପେ ପରିଚାଳନା କରିଥିଲେ ଏହି କର୍ମଶାଳାରେ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କର ଦକ୍ଷତା ବିକାଶ କରିବା, ପ୍ରାଥମିକ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷାନୀତି ଆଧାରରେ ବାଲବାଟିକାର ଗୁରୁତ୍ଵକୁ ବୁଝାଇବା, ପ୍ରସ୍ତୁତି ଶ୍ରେଣୀ ବା ବାଲବାଟିକା ପାଇଁ ବିଭିନ୍ନ ଦିଗର ବିକାଶ ଆଧାରିତ ଲକ୍ଷ୍ୟ ଗୁଡ଼ିକୁ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ବୁଝାଇବା ତତ୍ସହିତ ଶିକ୍ଷଣ ଫଳାଫଳ ସହ ଅବଗତ କରିବା, ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ଶିକ୍ଷଣ କାର୍ଯ୍ୟ ପରିଚାଳନା ଦକ୍ଷତା ବୃଦ୍ଧି କରିବା ଓ ଶ୍ରେଣୀରେ ମାନ ନିର୍ଦ୍ଧାରଣ କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

## କପ୍ତିପଦା ଆଇ. ସି. ଏସ କମ୍ପ୍ୟୁଟର ଏକାଡେମୀର ବାର୍ଷିକ ଉତ୍ସବ ଅନୁଷ୍ଠିତ



କପ୍ତିପଦା -(ମହାଭାରତ )-: କପ୍ତିପଦା --କପ୍ତିପଦା ରେ ଥିବା ଆଇ.ସି.ଏସ୍ କମ୍ପ୍ୟୁଟର ଏକାଡେମୀ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ଉଦଳା ର ମାନ୍ୟବର ବିଧାୟକ ଭାସ୍କର ମଢେଇ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ସଭାକୁ ଉଦଘାଟନ କରିଥିଲେ ।ଆଇ.ସି.ଏସ୍ ର ନିର୍ଦ୍ଦେଶକ ପ୍ରସନ୍ତ କୁମାର ଦାଶଙ୍କ ସଭାପତିତ୍ୱ ରେ ମୁଖ୍ୟ ବକ୍ତା ଭାବେ ଓ.କେ.ସି.ଏଲ ମୟୂରଭଞ୍ଜ ର ଡି.ଏଲ୍.ସି ସମରେନ୍ଦ୍ର ବସା, ସମ୍ମାନିତ ଅତିଥି ଭାବେ କପ୍ତିପଦା ବ୍ଲକ ର ବି.ଇ.ଦୀପକ ମିଶ୍ର, କପ୍ତିପଦା ଉଚ୍ଚବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସିଂରାଏ ମୁର୍ମୁ ପ୍ରମୁଖ ଯୋଗଦାନ କରିଥିଲେ ।ଆଇ.ସି.ଏସ୍ ର ନିର୍ଦ୍ଦେଶିକା ଶୈଳବାଳା ଦାଶ ବୈଠକ ର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।ସଭା ପରିଚାଳନା କରିଥିଲେ ଅନୁଷ୍ଠାନ ର ଛାତ୍ର ସୁରଜ ପଣ୍ଡା ଏବଂ ପ୍ରାରମ୍ଭ ରେ ଅଂଶୁମାନ ଦାଶ ଓ ଦୁର୍ଲଭ ମିଶ୍ର ମହାପ୍ରଭୁ ଜଗନ୍ନାଥ ଙ୍କୁ ବନ୍ଦନା କରି ଏକ ଭକ୍ତିମୟ ପରିବେଶ ତିଆରି କରିଥିଲେ ।ଏହି ଅବସରରେ ଓଲିଉଡର ସୁନାମଧନ୍ୟ ଗାୟକ ଏସ୍.ଜିତୁ ଓ ଗାୟିକା ସୈୟଜନ୍ୟା ରଥ ସଙ୍ଗୀତ ପରିବେଷଣ କରିଥିଲେ।

## ହୋମ ଗାର୍ଡ ଇଣ୍ଟର୍ଭ୍ୟୁ ଦେବାବେଳେ ଚାଲି ଗଲା ଜୀବନ୪ଲକ୍ଷ୍ୟ ର ଅନୁକମ୍ପା ଦେଲେ ମୋହନ ମାଝୀ

ଦେବଗଡ଼(ମହାଭାରତ) :ଦେବଗଡ଼ ରିଜର୍ଭ ପୁଲିସ ପଡିଆରେ ହୋମଗାର୍ଡ ଇଣ୍ଟରଭ୍ୟୁ ଚାଲିଥିବା ବେଳେ ପରିକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ,୨୬ତାରିଖ ଓପରାଂହରେ ଦେବଗଡ଼ ରିଜର୍ଭ ପୋଲିସ ପଡିଆରେ ହୋମ ଗାର୍ଡ ପାଇଁ ଦୌଡ ପରୀକ୍ଷା ପରେ ଅସୁସ୍ଥ ହୋଇପଡ଼ିଥିଲେ ପରୀକ୍ଷାର୍ଥୀୟ ମୃତ ପରୀକ୍ଷାର୍ଥୀ ହେଲେ ରିଆମାଳ ଥାନା ଅନ୍ତର୍ଗତ ବୁଡିଦୋ ଗାଁର ପ୍ରଦୀପ ଦେହୁରୀଙ୍କ ୨୧ ବର୍ଷୀୟ ପୁତ୍ର ସାହେବ ଦେହୁରୀ । ଦୌଡ ପରୀକ୍ଷା ସମୟରେ ଅସୁସ୍ଥ ହେବାରୁ ସାହେବଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ପରିକ୍ଷାର୍ଥୀଙ୍କ ,ଗୁରୁବାର ଭୋର ୪ଟାରେ ଡାକ୍ତର ତାଙ୍କୁ ମୃତୁ ଘଷଣା କରିଥିଲେ। ଚିକିତ୍ସା ଅଭାବରୁ ପରିକ୍ଷାର୍ଥୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଗୁରୁ ବାର ସକାଳୁ ଡାକ୍ତରଖାନା ପରିସରରେ ମୃତଦେହ ରଖି କିଛି ସମୟ ପାଇଁ ଉତ୍ତେଜନା କରିଥିଲେ ପରିବାର ଲୋକେ। ଘଟଣାସ୍ଥଳରେ ଜିଲ୍ଲାପ୍ରଶାସନର ଅଧିକାରୀମାନେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଶବାଗାରକୁ ପଠାଯାଇଥିଲେ। ତେବେ ଆଶାୟୀଙ୍କ ମୃତ୍ୟୁ ଘଟଣାରେ ଦୁଃଖ ପ୍ରକାଶ କରିବା ସହ ୪ ଲକ୍ଷର ଅନୁକମ୍ପା ରାଶୀ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।ଏହି ଦୁଃଖଦ ଘଟଣାରେ ଦେବଗଡ଼ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର (ମହାଭାରତ): ଆଜି ଝରିଗାଁ ବ୍ଲକ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ ଚନ୍ଦ୍ର ମିଶ୍ର,ବ୍ଲକ୍ ଅଧକ୍ଷ ଦୁର୍ଗା ପ୍ରସାଦ ମାଝୀ ଓ ବି ଡି ଓ ମଧୁସୂଦନ ମାଝୀ ଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧରୁ ୨୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୨ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଜିଲ୍ଲାପାଳ ଡ଼ା ମହାପାତ୍ର ଏହାପରେ ଚକ୍ଲାପଦର ଗ୍ରାମ ପଞ୍ଚାୟତ ଗସ୍ତ କରି ଆଧାର କେନ୍ଦ୍ର ପରିଦର୍ଶନ ସହ ଚନ୍ଦନଧାରା ଗସ୍ତ କରିଥିଲେ।



## ଠାକୁରମୁଣ୍ଡା ମାହୁରୀ ସମାଜର କୁଳଦେବୀ ମା ମଥୁରାସିନୀ ପୂଜା ଉଦଯାପିତ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବଜାର ମାହୁରୀ ସମାଜ କମିଟି ପକ୍ଷରୁ କୁଳ ଦେବୀ ମା' ମଥୁରାସିନୀ ୬୦ମ ପୂଜାର୍ଚ୍ଚନା ଶିବମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ପୂଜା ଉତ୍ସବ ପବିତ୍ର ଚୈତ୍ର କୃଷ୍ଣ ଅଷ୍ଟମୀର ଦିନ ରୁ ଧୂମଧାମ ଓ ଶ୍ରଦ୍ଧା ସହିତ ଆରମ୍ଭ ହୋଇହୋଇ ଉଦଯାପିତ ହୋଇଯାଇଛି। ମାହୁରୀ ସମାଜ ଦ୍ୱାରା ଆୟୋଜିତ ମହୋତ୍ସବ ୨୨ ରୁ ଆରମ୍ଭ ହୋଇ ୨୪ ତାରିଖ ସମାପ୍ତ ହୋଇଛି। ଏଥିରେ ଶହଶହ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଗତ ଶନିବାର ଦିନ ବଜାର ମାହୁରୀ କମିଟି ପକ୍ଷରୁ ଏକ ଶୋଭାଯାତ୍ରାରେ କଣ୍ଠାମଲି ନାଳ ରୁ କଳସ ଶୋଭାଯାତ୍ରା ହନୁମାନ ଛକ ଦେଇ ଶିବ ମନ୍ଦିର ପରିସର ଥିବା ପୂଜା ମଣ୍ଡପ ପର୍ଯ୍ୟନ୍ତ ପହଞ୍ଚିଥିଲା। ଦ୍ୱିତୀୟ ଦିନ ମା ମଥୁରାସିନୀ ମଣ୍ଡପରେ ମହୁରୀ ସମାଜ ଦ୍ଵାରା ବିଧିପୂର୍ବକ ବିଶେଷ ପୂଜା-ଅର୍ଚ୍ଚନା, ଶୃଙ୍ଗାର ପୂଜା ଏବଂ ପ୍ରସାଦ ବିତରଣ କରାଯାଇଥିଲ।। ସନ୍ଧ୍ୟା ସମୟରେ ସମାଜର ଛୋଟ ଶିଶୁମାନେ, ମହିଳାମାନେ ଓ ପୁରୁଷମାନେ ଭକ୍ତିମୟ ସଙ୍ଗୀତ ଓ ନୃତ୍ୟର ପରିବେଷଣ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା। ଏହା ତିନିଦିନ ଧରି ବିଧି ମୁତାବକ ପୂଜାର୍ଚ୍ଚନା ପରେ ମା'ଙ୍କୁ ମେଲାଣି ଦିଆଯାଇଥିଲା। ଏଥିରେ ମାହୁରୀ ସମାଜ ଠାକୁରମୁଣ୍ଡା ବଜାର କମିଟି ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

## ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ଆସିକା (ମହାଭାରତ): ଆସିକା ବ୍ଲକ ସ୍ଥିତ ନିମିନା କେନ୍ଦୁପଦର ମହାବିଦ୍ୟାଳୟରେ ଅଧକ୍ଷ ଶ୍ରୀ ହରି ଶଙ୍କର ପାଣ୍ଡେଙ୍କ ଅଧକ୍ଷତାରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଛି । ଚଳିତ ବର୍ଷର ବିଷୟ ଥିଲା ଆମେ ସମସ୍ତେ ଶେଷ କରିବା ଯକ୍ଷ୍ମାୟ ଅନୁଷ୍ଠାନର ଜାତୀୟ ସେବା ଯୋଜନାର ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଛି ।ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଜାତୀୟ ସେବା ଯୋଜନାର ସଂଯୋଜକ ଶ୍ରୀ ସିଲୁ ସେଠୀ ସମେତ ମୁନିଗାଡ଼ିର ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ଅଧିକାରୀ ଶିବାନୀ ତ୍ରିପାଠୀ ଓ ନିମିନାର ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ଅଧିକାରୀ ସଙ୍ଗୀତା ସାହୁ ଉପସ୍ଥିତ ରହି ଯକ୍ଷ୍ମାର ଭୟାବହତା ଓ ନିରାକରଣ ସମ୍ପର୍କରେ ସଚେତନ ବାର୍ତ୍ତା ପ୍ରଦାନ କରିଛନ୍ତି । ଉକ୍ତ ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ




କପ୍ତିପଦା -(ମହାଭାରତ ): କପ୍ତିପଦା – ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଉଦଳା ବ୍ଲକ୍ ପରିସରରେ ପୂର୍ବ ଚିହ୍ନିତ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକ ମାନଙ୍କୁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉଦଳା ବ୍ଲକ୍ ଏବଂ ଉଦଳା ଏନ୍.ଏ.ସି.ଙ୍କ ତରଫରୁ ମିଳିତ ଭାବେ ଆୟୋଜନ କରାଯାଇଥିବା ଉକ୍ତ କାର୍ଯ୍ୟକ୍ରମରେ ହୁଡ଼କୋ ସହାୟତାରେ ସମସ୍ତ ଉପକରଣ ଗୁଡ଼ିକ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦଳାର ବିଧାୟକ ଭାସ୍କର ମଢ଼େଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଅନ୍ୟାନ୍ୟ ଅତିଥି ଭାବେ ଉଦଳା ଏନ୍.ଏ.ସି. ଅଧକ୍ଷା ପ୍ରମିଳା ପଣ୍ଡା, ଉଦଳା ବ୍ଲକ୍ ଅଧକ୍ଷା ମଞ୍ଜୁଲତା ବିଶ୍ୱାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଦଳା ସମରଜ୍ଜି କର, ହୁଡ୍କୋ ସିନିୟର ମେନେଜର ଦୟାନିଧି ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଉଦଳା ଏନ୍.ଏ.ସି. ପ୍ରିୟ ରଂଜନ ଜେନା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୁରଲୀଧର ଚନ୍ଦ, ଆଲିମ୍କୋ ଜୁନିୟର ମେନେଜର ସ୍ମୃତି ରଂଜନ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଭିଉକ୍ଷମ ମଞ୍ଚର ସଭାପତି ଓ ସମ୍ପାଦକ ତଥା ଗଣମାଧ୍ୟମ ପ୍ରତିନିଧ ପ୍ରମୁଖ ଉପସ୍ଥିତ ଥିଲେ । ମଞ୍ଚର ସମସ୍ତ କାର୍ଯ୍ୟକ୍ରମକୁ ପି.ଇ.ଓ. ବୃନ୍ଦାବନ ବେହେରା ପରିଷ୍କଳନା କରିଥିବାବେଳେ, ଉଦଳା ବ୍ଲକର ଏ.ବି.ଡ଼ି.ଓ. ଶରତ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତୀକ୍ଷା ପୁହାଣ, ଯୋଗାଣ ନିରୀକ୍ଷକ ସୌମ୍ୟାଶ୍ରୀ ରାଉତ, ବି.ଏସ୍.ଏସ୍.ଓ ଭାଗ୍ୟଶ୍ରୀ ନାୟକ, ଏନ୍.ଏ.ସି.ର ସୌଦାମିନୀ ମହାପାତ୍ର ତଥା ବ୍ଲକ୍ ଓ ଏନ୍.ଏ.ସି.ର ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।ଏହି ଅବସରରେ ୧୮ ଟି ବ୍ୟାଟେରୀ ଚାଳିତ ତିନିଚକିଆ ସାଇକେଲ, ୪୦ ଟି ତିନି ଚକିଆ ସାଇକେଲ, ୫୪ ଟି ଶ୍ରବଣ ଯନ୍ତ୍ର, ୨୯ ଟି ହ୍ୟୁଇଲ ଚେୟାର, ୯୬ ଟି କହୁଣୀ ଆଶାବାଡ଼ି, ୯ ଟି ଟି.ଏଲ୍.ଏମ୍. କିଟ୍, ୨୦ ଟି ନି ବ୍ରେସ୍, ୧୧ ଟି ଲମ୍ବୋ ସାକ୍ରେଲ ବେଲ୍ଟ, ଗୋଟିଏ ସ୍ପାଇନାଲ-କୋଡ୍ ସପୋର୍ଟ ବେଲ୍ଟ, ୮୬ ଟି ଆଶା ବାଡ଼ି, ୮ ଗୋଟି ଫୋଲଡ଼େବୁଲ ୱାକର, ୪ ଗୋଟି ରୋଲାଟର, ୧୮ ଗୋଟି ୱାକିଂ ଷ୍ଟିକ୍ ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରାଯାଇଥିବାର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

## ଏସ୍ୱିଓ ପଦବୀ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା କୁ ନେଇ ଏସପି ଙ୍କୁ କଲେ ଅଭିଯୋଗ

ଅସ୍ତରଙ୍ଗ, (ମହାଭାରତ )-ଅସ୍ତରଙ୍ଗ ସାମୁଦ୍ରିକ ଥାନାରେ ସ୍ୱତନ୍ତ୍ର ପୁଲିସ୍ ଅଫିସର(ଏସ୍ୱିଓ) ପଦବୀ ପାଇଁ ହୋଇଥିବା ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହେବା ତ୍ରିନାଥ ନାୟକ ନାମକ ଜଣେ ଆବେଦନକାରୀ ଅଭିଯୋଗ କରିଛନ୍ତି । ସେ ଇମେଲ୍ ଜରିଆରେ ପୁରୀ ପୁରୀ ଆରକ୍ଷୀ ଅଧିକ୍ଷକଙ୍କୁ ଏହି ଅଭିଯୋଗ କରିଛନ୍ତି ଏଥିସହ ଘଟଣା ବିଷୟରେ ସିଏମ୍ ପୋର୍ଟାଲରେ ଇଅଭିଯୋଗ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ଅନିୟମିତତାକୁ ତଦନ୍ତ କରି ନ୍ୟାୟ ପ୍ରଦାନ ନିମନ୍ତେ ସେ ଦାବି କରିଛନ୍ତି। ସୂଚନାନୁସାରେ ସାମୁଦ୍ରିକ ଥାନାରେ ୫ ଜଣ ଲେଖାଏ ସ୍ୱତନ୍ତ୍ର ପୁଲିସ୍ ଅଫିସର(ଏସ୍ୱିଓ) ପଦବୀ ବିଜ୍ଞପ୍ତି ପ୍ରକାଶ ପରେ ଅସ୍ତରଙ୍ଗ ସାମୁଦ୍ରିକ ଥାନା ପାଇଁ ୧୩ ଜଣ ଆବେଦନ କରିଥିଲେଗତ ୨୦ ମାର୍ଚ୍ଚରେ ଏନେଇ ପୁରୀର ରିଜର୍ଭ ପୁଲିସ୍ କାର୍ଯ୍ୟାଳୟ ଠାରେ ବିଭିନ୍ନ ପରୀକ୍ଷା ହୋଇଥିଲା ।ଏଥିରେ ସମସ୍ତ ଆବେଦନକାରୀ ଅଂଶଗ୍ରହଣ କରିଥିଲେ । ପ୍ରବନ୍ଧ ଲିଖନରେ ସମସ୍ତ ବ୍ୟକ୍ତି ସଫଳତା ହାସଲ କଲାବେଳେ ୧୩ ଜଣଙ୍କ ମଧ୍ୟରୁ କମ୍ପୁଟର ପରୀକ୍ଷାରେ ୧୦ ଜଣ,ଦୌଡ ଓ ପହଁରା ପ୍ରତିଯୋଗିତାରେ ୧୧ ଜଣ ସଫଳତା ହାସଲ କରିଥିଲେ। ଅଭିଯୋଗକାରୀ ତ୍ରିନାଥ କହିବା କଥା,ସମସ୍ତ ପରୀକ୍ଷାରେ ସେ ପ୍ରଥମ ସ୍ଥାନ ଅଧିକାର କରି କେବଳ ଦୌଡ ପ୍ରତିଯୋଗିତାରେ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେଉଁମାନେ ଏହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇନଥିଲେ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ନିଯୁକ୍ତି ପାଇଁ ଦେବା ବିଶେଷ ସୂତ୍ରରୁ ଜାଣି ସେ ଏହି ଅଭିଯୋଗ କରିଛନ୍ତି ସମସ୍ତ ଚୟନ ପ୍ରକ୍ରିୟା ଭିଡିଓଗ୍ରାଫି ମାଧମରେ ହେବା ଓ ସେ ସମସ୍ତ ପର୍ଯ୍ୟାୟ ପରୀକ୍ଷାରେ ସଫଳତା ହାସଲ କରି ମଧ ସେ ନିଯୁକ୍ତିରୁ ବଞ୍ଚିତ ହେବା ସେ ଦାବି କରିଛନ୍ତି। ତାଙ୍କ ଅଭିଯୋଗକୁ ଗ୍ରହଣ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରି ବେନିୟମ କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି ।ଅଭିଯୋଗ ସମ୍ପର୍କରେ ପୁରୀ ପୁରୀ ଆରକ୍ଷୀ ଅଧିକ୍ଷକଙ୍କ ସହ ଯୋଗାଯୋଗ ସମ୍ଭବ ନହେବାରୁ ଅଭିଯୋଗ ପ୍ରତିକ୍ରିୟା ମିଳିପାରିନି ।

## ଅଙ୍ଗନୱାଡ଼ି କର୍ମୀଙ୍କ ମନମୁଖୀ କାର୍ଯ୍ୟ କୁ ନେଇ ଅଭିଯୋଗ ଆଣିଲେ ଗ୍ରାମବାସୀ



ଯୋଡା, (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଅନ୍ତର୍ଗତ ଜୁରୁଡ଼ି ପଞ୍ଚାୟତର ରୁଗୁଡ଼ି ସାହି ଗ୍ରାମବାସୀ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଗୁରୁବାର ଯୋଡା ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ (ସିଡିପିଓ)ଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।ଗୁରୁବାର ଏ ନେଇ ସ୍ଥାନୀୟ କିଛି ମହିଳା ଯୋଡା ବ୍ଲକକୁ ଯାଇଥିବା ବେଳେ ସିଡିପିଓ ଉପସ୍ଥିତ ନ ଥିବାରୁ ଯୋଡା ବିଡ଼ିଓଙ୍କୁ ଏହି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଲିଖିତ ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି ଯେ,ଅଙ୍ଗନୱାଡ଼ି କର୍ମୀ ଓ ହେଲପର ଦୁହେଁ ତାଙ୍କ କର୍ତ୍ତବ୍ୟ କର୍ମରେ ଅବହେଳା କରୁଅଛନ୍ତି । ବିଳମ୍ବରେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲା ହେଉଛି,ଶିଶୁ ମାନଙ୍କୁ ପାଠପଢା ସହିତ ଖାଦ୍ୟ ଠିକ୍ ସମୟରେ ଦେଉ ନାହାନ୍ତି । ଶିଶୁ ମାନଙ୍କୁ ଫାଳେ ଅଣ୍ଡା ଦିଆଯାଉଛି,ଶିଶୁ ମାନଙ୍କୁ ପୋଷାକ ପ୍ରଦାନରେ କୁଣ୍ଠାବୋଧ ପ୍ରକାଶ କରିବା,ମମତା କାର୍ଡଧାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ ନ କରିବା,ଅଙ୍ଗନୱାଡ଼ି ଟିଣ ଘରକୁ ନିଜ କବ୍ଜାରେ ରଖିବା,ଲୋକଙ୍କୁ ଧମକ ଚମକ ଦେବା ପ୍ରଭୃତି ସମସ୍ୟା ଉପସ୍ଥାପନ କରି ଏହି ଅଭିଯୋଗ ପତ୍ର ପ୍ରଦାନ କରିଥିବା ଗ୍ରାମର ମହିଳା ମାନେ କହିଛନ୍ତି । ଅଙ୍ଗନୱାଡ଼ି କର୍ମୀଙ୍କୁ ବହିଷ୍କାର କରାଯିବା ନେଇ ଗ୍ରାମବାସୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।ତେବେ ଏହି ଅଭିଯୋଗ ପତ୍ର ପାଇବା ପରେ ଖୁବଶୀଘ୍ର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଡା ବିଡ଼ିଓ ଅରୁଣିମା ସାହୁ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇ ଥିଲେ ।

## ପାରଳା ପୌର ପରିଷଦର ଭେଣ୍ଡିଂଜୋନ ବଣ୍ଟନ ହେବ କେବେ ?

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପାଳିକା ତରଫରୁ ସ୍ଥାନୀୟ ହାଟପଦା ଠାରେ ଏବଂ ମେଡିକାଲ ଛକ ନିକଟରେ ଭେଣ୍ଡିଂଜୋନ ର୍ନିମିତ ହୋଇଯାଇଛି ।ଏହି ଭେଣ୍ଡିଙ୍ଗ ଯୋନ୍ ଉଦଘାଟନ ହୋଇ ଦୀର୍ଘ ଦିନ ହୋଇଥିଲେ ସୁଦ୍ଧା କୌଣସି ଲୋକଙ୍କୁ ଅବଣ୍ଟନ କରାଯାଇନାହିଁ। ଉଠା ଦୋକାନୀଙ୍କୁ ଥଇଥାନ କରାଯିବା ନିମନ୍ତେ ଏହି ଭେଣ୍ଡିଙ୍ଗ ଯୋନ ର୍ନିମାଣ ହୋଇଛି। ସହରକୁ ସରସ ଓ ସୁନ୍ଦର କରିବା ଉଦ୍ଦେଶ୍ୟରେ ର୍ନିମିତ ହୋଇଥିବା ଭେଣ୍ଡିଙ୍ଗ ଯୋନ ଆଜି ପର୍ଯ୍ୟନ୍ତ ଆବଣ୍ଟନ ନ ହୋଇ ଖର ଖାଉଛି ଓ ଅସାଧୁ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳୀ ପାଲଟିଛି ।ଏହି ଭେଣ୍ଡିଙ୍ଗ ଜୋନ୍ ଲୋକଙ୍କୁ ଆବଣ୍ଟନ ନ ହେବା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ଭେଣ୍ଡିଙ୍ଗ ଯୋନ୍ ଆବଣ୍ଟନ ନ ହେବା ଯୋଗୁଁ ଉଠା ଦୋକାନି ବା ପରିବା ବ୍ୟବସାୟୀମାନେ ରାସ୍ତା କଡରେ ବସି ପରିବା ବିକ୍ରି କରୁଛନ୍ତି । ଯାହା ଫଳରେ ରାସ୍ତା



ସଙ୍କୁଚିତ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛ ।ତେଣୁ ଏଥିପ୍ରତି ପୌର ପରିଷଦ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ଟ୍ରାଫିକ ସମସ୍ୟା ସମାଧାନ ହେବା ସହ ଜନ ସାଧାରଣ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି ।

## ବାଇକ୍ କୁ ଧକ୍କା ଦେଲା ଟ୍ରକ୍: ଦୁଇ ବର୍ଷ ର ଶିଶୁ ମୃତ,ଜଣେ ଗୁରୁତର

ଯୋଡା, (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଉଁଶ ପାଣି ଜାଟୁଆ ଅଫିସ୍ ସମ୍ମୁଖରେ ଏକ ହାଓ୍ୱା ଟ୍ରକ୍ ବୁଧବାର ରାତି ପ୍ରାୟ ୮ ଘଟିକା ସମୟରେ ହାଓ୍ୱା ଟ୍ରକ୍ ଧକ୍କାରେ ବାଇକ୍ ରେ ବସିଥିବା ଦୁଇ ବର୍ଷ ର ଶିଶୁ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଖବର ହସ୍ତଗତ ହୋଇଛି ।ଖବର ନେବାରୁ ଜଣାପଡିଛି ଯେ,ଯୋଡା ହୁଡ଼ି ସାହି ରେ ରହୁଥିବା ହର୍ସ କୁମାର ତାଙ୍କ ବାପା ଓ ଦୁଇ ବର୍ଷ ର ଶିଶୁ ପୁତ୍ର ଙ୍କୁ ବାଇକ୍ ନଂ ଓ ଡି ୦୯ ଏ ୮୫୯୬ ଯୋଗେ ବାଉଁଶ ପାଣି ଗ୍ୟାରେଜ କୁ ଯାଉଥିବା ବେଳେ ସମ୍ମୁଖରୁ ଆସୁଥିବା ଏକ ହାଇଓ୍ୱାଟ୍ରକ ନଂ ଓଡ଼ି ୦୯ପି ୭୪୭୩ ବାଇକ୍ କୁ ଧକ୍କା ଦେଇଥିଲା ଯଫଳରେ ବାଇକ୍ ରେ ବସିଥିବା ତିନି ଜଣ ତଳେ ପଡ଼ି ଯାଇଥିଲେ ।ତେବେ ଦୁଇ ବର୍ଷ ର ଶିଶୁ ପୁତ୍ର ଇୟର୍ସ କୁମାର ତଳେ ପଡ଼ି ଯିବାରୁ ଘଟଣାସ୍ଥଳ ରେ ହିଁ ମୃତ୍ୟୁ ଘଟିଥିଲା ।ହର୍ସ କୁମାର ଙ୍କ ସେପରି କିଛି ହୋଇ ନ ଥିବା ବେଳେ ତାଙ୍କ ଶ୍ୱଶୁର ଦିଗବିଜୟ ସିଂ ଗୁରୁତର ଆହତ ହୋଇଥିଲେ ।ତାଙ୍କୁ ଯୋଡା ସ୍ଥିତ ଟାଟା ଷ୍ଟିଲ ଡାକ୍ତର ଖାନ। ରେ ଭର୍ତ୍ତି କରାଯାଇଛି ।ଦୁର୍ଘଟଣା ଘଟାଇ ଥିବା ଟ୍ରକ୍ ର ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ପୋଲିସ ଟ୍ରକ୍ ଜବତ କରି ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି ।

## ଆସିକା ମା ଖମ୍ବେଶ୍ୱରୀଙ୍କ ଯାତ୍ରା ପାଇଁ ଶୁଭଖୁଟିଂ ସ୍ଥାପନ

ଆସିକା,(ମହାଭାରତ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଗଞ୍ଜାମ ଜିଲ୍ଲା ଆସିକା ମା ଖମ୍ବେଶ୍ୱରୀଙ୍କ ଯାତ୍ରା ପାଇଁ ଗୁରୁବାର ଶୁଭ ଖୁଟିଂ ସ୍ଥାପନ ହୋଇଛି । ଏହି ଶୁଭ ଖୁଟିଂ ସ୍ଥାପନ ବେଳେ ମାଙ୍କ ରୀତିନୀତି ଅନୁଯାୟୀ ପୂଜା ପାଠ କରି ଶୁଭ ଖୁଟିଂ ସ୍ଥାପନ



କରାଯାଇଥିବା ବେଳେ ମନ୍ତ୍ରପାଠ ଧ୍ୱନୀ ସାଙ୍ଗକୁ ବାଜା ବାଜଣାରେ ଉଛୁଳି ପଡୁଥିଲା ମନ୍ଦିର ପରିବେଶ । ମା ଖମ୍ବେଶ୍ୱରୀଙ୍କ ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ନିଷ୍ପାପର ଉଦ୍ୟମ ଓ ମାଙ୍କ ଆର୍ଶୀବାଦ ଯୋଗୁଁ ପ୍ରତିବର୍ଷ ଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହେଉଥିବା ବେଳେ ଚଳିତ ବର୍ଷ ମାଙ୍କ ଯାତ୍ରା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି । ଆସନ୍ତା ଏପ୍ରିଲ ୧୨ ତାରିଖ ଠାରୁ ମାଙ୍କୁ ନଗର ପରିକ୍ରମା କରାଯିବ ଓ ମେ ୩ ଓ ୪ ତାରିଖ ଦୁଇ ଦିନ ଯାତ୍ରା ଅନୁଷ୍ଠିତ ହେବା ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି । ଏହି ଶୁଭ ଖୁଟିଂ ସ୍ଥାପନ ବେଳେ ମନ୍ଦିରର ସମସ୍ତ ପୂଜକ ଓ ଯାତ୍ରା କମିଟି ସଭ୍ୟ ଉପସ୍ଥିତଥିଲେ ।

## ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ସଂସ୍ଥା ପକ୍ଷରୁ ପମ୍ପ ସେଟ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ପଦ୍ମପୁର ଶି ମନ୍ଦିର ଠାରେ ସମନ୍ୱିତ ଆଦିବାସୀ ଉଉ୍ୟନ ପ୍ରକଳ୍ପ ସଂସ୍ଥା ପାରଳାଖେମୁଣ୍ଡି ଓ ଓଡ଼ିଶା କୃଷି ଶିଳ୍ପ ନିଗମ ପକ୍ଷରୁ ପମ୍ପ ସେଟ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଖରାଟିଆ ଫସଲ ଚାଷ କରିବା ନେଇ ଏହି ପମ୍ପ ସେଟ ବିତରଣ କରାଯାଇ ଥିବାର ଜଣା ପଡ଼ିଛି ।ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଜରିଆରେ ରାୟଗଡ ବ୍ଲକର ୪୦ ଜଣ ହିତାଧିକାରୀଙ୍କୁ ଓ ୱାଇ ସି କନଭର ଜେନ୍ସରେ ମଟର ପମ୍ପ ସେଟ ପ୍ରଦାନ କରାଯାଇଛି ବୋଲି ସୂଚନା ମିଳିଛି। ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ସଂସ୍ଥା ପାରଳାଖେମୁଣ୍ଡି ତରଫରୁ ଗଜପତି ଜିଲ୍ଲାରେ ୫ ଟି ବ୍ଲକରେ ପ୍ରାୟ ୨୦୦ଟି ମଟର ପମ୍ପ ସେଟ ବିତରଣ କରାଯାଉ ଥିବା ସୂଚନା ମିଳିଛି ।ଏହି ବିତରଣ କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ପ୍ରୋଜେକ୍ଟ ମ୍ୟାନେଜର ଶିବାଜୀ ପ୍ରଧାନ,ବ୍ଲକ ଏକ୍ସପଟ ଗିଁନି କୂର୍ମ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦଳା ଶିଶୁ ବାଟିକା ଆଧାରିତ କର୍ମଶାଳା 'ପ୍ରସ୍ତୁତି' ଅନୁଷ୍ଠିତ



ଉଦଳା (ମହାଭାରତ )ରିଖ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ,ଉଦଳା ତରଫରୁ ଅନୁଷ୍ଠିତ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ପାଇଁ ପକ୍ଷ□ଦିବସୀୟ ଶିଶୁ ବାଟିକା ଆଧାରିତ କର୍ମଶାଳା 'ପ୍ରସ୍ତୁତି' ସ୍ଥାନୀୟ ଉଦଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦଳା ବ୍ଲକର ୧୨୬ଟି ପ୍ରାଥମିକ ବିଦ୍ୟାଳୟ ରୁ ଉଦଳାବ୍ଲକରୁ ଆସିଥିବା ୧୨୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିତିଶ କୁମାର ଘୋଷ ଉଦଘାଟନ କରିଥିଲେ ।ଏହି ଅବସରରେ ଉଦଳା ବ୍ଲକ ଗୋଷ୍ଠୀ ସାଧନ ସଂଯୋଜିକା ମିନତି ପଣ୍ଡା ପ୍ରଶିକ୍ଷଣ ପେଟିକାର ଆଭିମୁଖ୍ୟ ତଥା ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ ଓ ଆଦ୍ୟ ଶୈଶବ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଉଦଳା ବ୍ଲକର ଶିକ୍ଷକ ପ୍ରଶିକ୍ଷିକା ନିବେଦିତା ପ୍ରଧାନ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଦୁର୍ଯୋଧନ ଦଳେଇ, ଶିକ୍ଷକ ପ୍ରଶିକ୍ଷକ ସତ୍ୟେନ୍ଦୁ କୁମାର ଜେନା, ଶିକ୍ଷକ ପ୍ରଶିକ୍ଷକ ପ୍ରଦୀପ ପଣ୍ଡା, ଶିକ୍ଷକ ପ୍ରଶିକ୍ଷିକା ଅସୀମା ଅରୁନ୍ଧତୀ, ଶିକ୍ଷକ ପ୍ରଶିକ୍ଷକ ଶାନ୍ତନୁ ନାୟକ, ନରୋତ୍ତମ ପ୍ରଧାନ,ତପନ ମହାନ୍ତ, ସାଧନକର୍ମୀ ଭାବରେ କର୍ମଶାଳାକୁ ସୂଚାରୁରୂପେ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କର ଦକ୍ଷତା ବିକାଶ କରିବା, ପ୍ରାଥମିକ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷାନୀତି ଆଧାରରେ ବାଲବାଟିକାର ଗୁରୁତ୍ୱକୁ ବୁଝାଇବା, ପ୍ରସ୍ତୁତି ଶ୍ରେଣୀ ବା ବାଲବାଟିକା ପାଇଁ ବିଭିନ୍ନ ଦିଗର ବିକାଶ ଆଧାରିତ ଲକ୍ଷ୍ୟ ଗୁଡ଼ିକୁ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ବୁଝାଇବା ତତ୍ସହିତ ଶିକ୍ଷଣ ଫଳାଫଳ ସହ ଅବଗତ କରିବା, ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଶିକ୍ଷଣ କାର୍ଯ୍ୟ ପରିଚାଳନା ଦକ୍ଷତା ବୃଦ୍ଧି କରିବା ଓ ଶ୍ରେଣୀରେ ମାନ ର୍ନିଦ୍ଧାରଣ କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

## ଚଢ଼ାଉ ବେଳେ ଶିକାରୀ ମାରିଲେ ଗୁଳି: ୪ ଗିରଫ

କପ୍ତିପଦା -(ମହାଭାରତ ): କପ୍ତିପଦା - ଜଙ୍ଗଲରେ ଶିକାରୀଙ୍କୁ ଧରିବାକୁ ଯାଇଥିଲା ବନ ବିଭାଗ, ହେଲେ ଚଢ଼ାଉ ସମୟରେ ବନ ବିଭାଗ ଉପରକୁ ଦୁଇ ରାଉଣ୍ଡ ଗୁଳି ଚାଳନା କରିଲେ ଶିକାରୀୟ ଯାହାର ଜବାବରେ ବନ ବିଭାଗ ଏବଂ ଏସଟିପିଏଫ ମଧ୍ୟ ଫାଙ୍କା ଗୁଳି ଚାଳନା କରିଥିଲେ। ପୋଡାଡିହା ରେଞ୍ଜ ମନଭଙ୍ଗା ବିଟ ଅଞ୍ଚଳରେ ଚଢ଼ାଉ ସମୟରେ ଘଟିଛି ଏଭଳି ଘଟଣା। ଗତକାଲି ରାତିରେ ପୋଡାଡିହା ବନ ବିଭାଗ ଏବଂ ଏସଟିପିଏଫ ମିଳିତ ଭାବେ ମନଭଙ୍ଗା ବିଟ ଅଞ୍ଚଳରେ ଚଢ଼ାଉ କରିଥିବା ବେଳେ ୬ ଜଣ ଶିକାରୀ ଜଙ୍ଗଲ ଭିତରେ ରୋଷେଇ କରୁଥିବା ଦେଖିବାକୁ ପାଇଥିଲେ। ଯାହାକି ବନ ବିଭାଗକୁ ଦେଖି ଶିକାରୀମାନେ ତାଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚାଳନା କରି ଖସି ଯିବାକୁ ଚେଷ୍ଟା କରିଥିଲେ। ଏହାର ଜବାବରେ ଏସଟିପିଏଫ ମଧ୍ୟ ଫାଙ୍କା ଗୁଳିଚାଳନା କରିଥିଲେ। ତେବେ ଘଟଣା ସ୍ଥଳରୁ ଜଣେ ଶିକାରୀ ଏବଂ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଥିବା ବେଳେ ଅନ୍ୟ ୫ ଜଣ ଖସି ଯାଇଥିଲେ। ଗିରଫ ଶିକାରୀକୁ ପଚରା ଉଚରା କରିବା ପରେ ଅଶ୍ୱକୁଟି ଅଞ୍ଚଳରେ ଚଢ଼ାଉ କରି ଅନ୍ୟ



୩ ଜଣ ଶିକାରୀ ଏବଂ ଜଙ୍ଗଲରେ ଲୁଚାଇ ରଖିଥିବା ୩ ବନ୍ଧୁକ କୁ ଜବତ କରିଥିବା ବେଳେ ୨ ଜଣ ଶିକାରୀ ଏବେ ବି ଫେରାର ରହିଛନ୍ତି। ଗିରଫ ଶିକାରୀ ମାନେ ହେଲେ ଅଶ୍ୱକୁଟି ଗ୍ରାମର ଗାନସା ସିଂ, ବରଜୁ ସିଂ, ଗୁରା ସିଂ ବାଂକ୍ଷୀରା , କାର୍ତ୍ତିକ ସିଂ ବାଂକ୍ଷୀରା।

## ଜାତୀୟ ସ୍ତରୀୟ ସ୍କୋଏ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଗୁଲ୍ଜାରିଙ୍କୁ କାଂସ୍ୟ ପଦକ

ଅନୁଗୁଳ,(ମହାଭାରତ):ଚଳିତ ମାସ ତା ୧୮/୦୩/୨୦୨୫ ରିଖ ଠାରୁ ତା ୨୦/୦୩/୨୦୨୫ ରିଖ ପର୍ଯ୍ୟନ୍ତ ୨୫ତମ ସିନିୟର୍ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା ରାଜସ୍ଥାନର ଜୟପୁର ଜିଲ୍ଲା ସ୍ଥିତ ଇଞ୍ଜିନିୟର କଲେଜ ଠାରେ ଅନୁଷ୍ଠିତ ହେଇଥିଲା। ଉକ୍ତ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲା ରୁ ୧୮ ବର୍ଷରୁ ଉର୍ଦ୍ଧ ବାଳିକା ବିଭାଗର ଗୁଲ୍ଜାରି ସ୍ୟାମରଙ୍ଗି ଅଂଶ ଗ୍ରହଣ କରି କାଂସ୍ୟ ପଦକ ହାସଲ କରିଛନ୍ତି। ଜାତୀୟ ସ୍ତରୀୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ପଦକ ହାସଲ କରି ଥିବାରୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅନଗୁଳ ଜିଲ୍ଲା ସ୍କୋଏ ମାର୍ଶାଲ ଆର୍ଟ ଉପସଭାପତି ପର୍ଶୁରାମ ଦାସ ଓ ସୁଧାକର ସାହୁ ଗୁଲ୍ଜାରିଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ଦେଇ ସ୍ୱାଗତ ଓ ସମ୍ବର୍ଧନା ଜଣାଇଁ ଥିଲେ। ଆଗକୁ କିଭଳି ଜିଲ୍ଲା ଓ ରାଜ୍ୟର ଗୌରବ ଆଣିବ ସେଥିପାଇଁ ଖେଳାଳିର ମନୋବଳକୁ ଦୃଢ଼ କରିବା ପାଇଁ ଦିଗଦର୍ଶନ ଦେଇଥିଲେ ।ରାଜ୍ୟ ସ୍କୋଏ ଉପ ସଭାପତି ଦୁଷ୍ୟନ୍ତକୁମାର ନାଥ ଙ୍କ ଠାରୁ ମା ବାସନ୍ତୀ ଦୂର୍ଗା ଖେଳ ପଡ଼ିଆଠାରେ ସେ ପ୍ରଶିକ୍ଷଣ ନେଇ ଆସୁଛନ୍ତି।



## ବଅଁରପାଳରେ ସ୍ୱର୍ଗତ ଡଃ ଦେବେନ୍ଦ୍ର ପ୍ରଧାନଙ୍କୁ ସର୍ବ ଦଳୀୟ ଶ୍ରଦ୍ଧାଞ୍ଜଳି

ଅନୁଗୋଳ,(ମହାଭାରତ):ଆଜି ପୂର୍ବାହ୍ନରେ ବିଶିଷ୍ଟ ଶିଳ୍ପପତି ଗଙ୍ଗାଧର ସାମଲଙ୍କ ଆୟୋଜନ ରେ ସ୍ଥାନୀୟ ସବେରା ମଣ୍ଡପ ପରିସରରେ ପ୍ରାକ୍ତନ କେନ୍ଦ୍ର ମନ୍ତ୍ରୀ ତଥା ବିଜେପିର ପିତାମହ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ, ବହୁସଂଖ୍ୟାରେ ଉପସ୍ଥିତ ସର୍ବ ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇ ଶ୍ରୀ ପ୍ରଧାନ ଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ। ଅମର ଆତ୍ମାର ସଦଗତି କାମନା କରିଥିଲେୟ ପ୍ରଥମେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା,ପରେ ଶିଳ୍ପ ପତି ଶ୍ରୀ ସାମଲ ନିଜ ବକ୍ତବ୍ୟ ମାଧ୍ୟମରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ଡାକ୍ତର ପ୍ରଧାନ ଜଣେ ନିଷ୍କଳଙ୍କ ରାଜ ନେତା ଥିଲେ ମଣ୍ଡଳ ସଭାପତି ରୁ କିପରି ରାଷ୍ଟ୍ରୀୟ ସଂଗଠନ କୁ ଯାଇ ସମାଜ ପାଇଁ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ବିକାଶ ମୂଳକ ଅନେକ କାର୍ଯ୍ୟକ୍ରମ ସମସ୍ତ ଙ୍କର କିଭଳି ପ୍ରିୟଭାଜନ ହୋଇପାରିଥିଲା ସେ ଦିଗରେ ମନେ ପକାଇଥିଲେ ।ବିଜେଡ଼ି ଯୁବ ନେତା ଅରୁଣାଭ ସିଂହ ଏବଂ ଯୁବ ନେତା ପ୍ରକାଶ ସିଂହ ଯୋଗଦେଇ ସ୍ମୃତିଚାରଣ ସଭାରେ ଅଦୈତ ବାବୁ ଙ୍କ ସହ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଘନିଷ୍ଠ ସଂପର୍କ ଉପରେ ମନେ ପକାଇବା ସହ ଉଭୟ କିଭଳି ଚିନ୍ତା ଏବଂ ଚେତନା କୁ ଏକ କରି ସମଗ୍ର ଓଡ଼ିଶା ବିକାଶର, ସାଥି ହେଉଥିଲେ ସେ ବିଷୟରେ କହିଥିଲେ। ମନରେ ଗର୍ବ ଏବଂ ଅହଂକାର ନ ଥିବା କହିଥିଲେ। ମଞ୍ଚାସୀନ ଅତିଥି ତଥା ଖଡଗ୍ ପ୍ରସାଦ ସରପ□ ପୁଷ୍ପା ଦାସ, ମୋଟଙ୍ଗା ଗାଁ ର ନେତା ରବିନାରାୟଣ ସାହୁ,ବୁଢାପଙ୍କ ପୂର୍ବତନ ସରପ□ ଉଛବ ଦେହୁରୀ ଯୁବନେତା ଅଶୋକ ଧିର, ମହେଶ୍ୱର ବେହେରା, ପ୍ରକାଶ ସିଂହ ପ୍ରମୂଖ ସଭାରେ ସ୍ମୃତିଚାରଣ କରିଥିଲେ। ବିଭିନ୍ନ ଇଲାକାରୁ ବିଭିନ୍ନ ଦଳ ର ଶତାଧିକ କର୍ମୀ ନେତା ବୁଦ୍ଧିଜୀବୀ, ସଚେତନ ନାଗରିକ, ବ୍ୟବସାୟୀ, ସାମ୍ବାଦିକ,ଆଦି ଯୋଗ ଦେଇ ସଭା କାର୍ଯ୍ୟକୁ ସଫଳକରିଥିଲେ ।ଶେଷରେ ସାମ୍ବାଦିକ ସନ୍ତୋଷ କୁମାର ମିଶ୍ର ସ୍ମୃତିଚାରଣ କରିବା ସହ ଶାନ୍ତି ପାଠ ମନ୍ତ୍ର ପଠନ କରିଥିଲେ।

## ଦୁର୍ଘଟଣା ଗ୍ରସ୍ତ ଗୋମାତା ଉଦ୍ଧାର

ଅନୁଗୋଳ ,(ମହାଭାରତ): ଅନଗୁଳ ମୁନ୍ସିପାଲଟି ଅନ୍ତର୍ଗତ ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରୀ ଯାନ ଏକ ଗାଈ କୁ ଧକ୍କା ଦେବା ଫଳରେ ଦୀର୍ଘ ସମୟ ଧରି ଯାନବାହାନ ଚଳାଚଳ ବନ୍ଦ ହୋଇ ଯାଇଥିଲା । ବାବା ଚମ୍ପେଶ୍ୱର ଟିପର ଓ ହାଇୱା ସଙ୍ଘ ସଭାପତି ଅନାଦି ସାହୁ ଓ କର୍ମକର୍ତ୍ତା ନିର୍ମଳ ପ୍ରଧାନ, ସୁନୀଲ ପାଳ, ଅଶୋକ ସାହୁ ସ୍ୱେଚ୍ଛାସେବୀ ଦୁସ୍ୟନ୍ତ ନାଥ, ଭୀଷ୍ମ ସାହୁ ଙ୍କ ସହାୟତା ରେ ପ୍ରାଥମିକ ଚିକିତ୍ସା କରି ଏକ ଅଟୋ ଜରିଆ ରେ ଶ୍ରୀ ଗୋପାଳ ଗୋଶାଳା କୁ ପଠାଇ ଦିଆଯାଇଥିଲା । ସହର ମଧ୍ୟ ରେ ଅନେକ ଥର ଗୋରୁ ଗାଈ ଙ୍କ ସହ ଦୁର୍ଘଟଣା ଘଟିବା ଏପରି କି ଜୀବନ ଯିବା ପରି ଅଭିଯୋଗ ହେଇଥିବା ବେଳେ ଅନେକ ଥର କର୍ତ୍ତୃପକ୍ଷ ଙ୍କୁ ଅଭିଯୋଗ ମଧ୍ୟ କରାଯାଇଛି ହେଲେ କୌଣସି ସୁଫଳ ମିଳି ପାରିନାହିଁ ।

## ସ୍କୁଟି ସହ କାର ମୁହାଁ ମୁହିଁ ଧକ୍କା ତିନି ଗୁରୁତର

ଆସିକା (ମହାଭାରତ) ଗଞ୍ଜାମ ଜିଲ୍ଲା ଆସିକା ଖଡଭାଗ ଠାରେ ସ୍କୁଟି ସହ କାର ମୁହାଁ ମୁହିଁ ଧକ୍କା ତିନି ଗୁରୁତର । ଦୁର୍ଘଟଣାରେ ଗୁରୁତର ହୋଇଥିବା ତିନି ଜଣ ବ୍ୟକ୍ତି ହେଲେ ଆସିକା ଓଡ଼ିଆ ସାହିର ରଘୁନାଥ ଆଚାରୀ ଏବଂ ଭଞ୍ଜନଗର ଡିଫେନ୍ସ କୋଲୋନିର ଜମ୍ବୁବତି ନାୟକ ଓ ଅକ୍ଷୟ ନାୟକ । ତେବେ ଗୁରୁତର ମାନଙ୍କୁ ପ୍ରଥମେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥାଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପ୍ରକାଶ ଥାଉକି ଆସିକା ଓଡ଼ିଆ ସାହିର ରଘୁନାଥ ଆଚାରୀ ନିଜ ବୋହୂ ଓ ନାତି ସହ ସ୍କୁଟି ନମ୍ବର ଓଡି ୩୨ଜି ୩୨୭୮ଯୋଗେ ଆସିକାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବ୍ରହ୍ମପୁର ରୁ ଭଞ୍ଜନଗର ଡିଫେନ୍ସ କୋଲୋନିକୁ ଯାଉଥିବା ଜମ୍ବୁବତି ନାୟକ ଓ ଅକ୍ଷୟ ନାୟକଓ ଦୀପିକା କୁମାରୀ ନାୟକଙ୍କକାର ନମ୍ବର ଓଡି ୩୩ ଡବ୍ଲୁ ୫୧୫୨ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ହୋଇଥିଲା ଯେ ସ୍କୁଟି ଟି ସମ୍ପୂର୍ଣ ଭାଙ୍ଗି ଚୁର ମାର ହୋଇଯାଇଥିଲା। ଏହି ଦୁର୍ଘଟଣା ରେ ରଘୁନାଥ ଙ୍କ ଡାହାଣ ପାଦଟି ସମ୍ପୂର୍ଣ ଛିଡି ଯାଇଥିଲା ଓ କାର ରେ ବସିଥିବା ଜମ୍ବୁବତି ନାୟକଙ୍କ ଡାହାଣ ଗୋଡ଼ ଭାଙ୍ଗି ଥିଲା ବେଳେ ଓ ଅକ୍ଷୟ ନାୟକଙ୍କ ଡାହାଣ ଜଙ୍ଘ ଭାଙ୍ଗିଯାଇଥିଲା। ଆସିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

## 'ମୁଁ ବି ବିଦ୍ୟାଳୟ ଯିବି' ସଚେତନତା ରଥ ଶୁଭାରମ୍ଭ

ରାଇରଙ୍ଗପୁର(ମହାଭାରତ): ମୟୂରଭଞ୍ଜ ଜିଲ୍ଲାର ସିମାନ୍ତ ତିରିଂ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଗୋଷ୍ଠୀ ଶିକ୍ଷାଧୀକାରୀ ଶ୍ରୀ ଯଜ୍ଞେଶ୍ୱର ଜେନା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଆଜି ପୂର୍ବାହ୍ନ ୯ ଘଟିକାରେ ' ମୁଁ ବି ବିଦ୍ୟାଳୟ ଯିବି'ଏକ ସଚେତନତା ରଥ ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ତିରିଂ ବ୍ଲକ ଅଧକ୍ଷ ପରମେଶ୍ୱର ସାମାଡ, ସମ୍ମାନିତ ଅତିଥି ସହକାରୀ ଜିଲ୍ଲାପାଳ ଶ୍ରୀମତୀ ବାସନ୍ତୀ ଲାକ୍ରା , ଅନ୍ୟତମ ଅତିଥି ରାଇରଙ୍ଗପୁର ଡେପୁଟୀ କଲେକ୍ଟର ମାନସ ରଞ୍ଜନ



ବେହେରା ,ସିଆରସିସି ରତିକାନ୍ତ ପାତ୍ର,ରାଣୀସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ସମସ୍ତଙ୍କୁ ଶିକ୍ଷା ଅଧିକାର ଏକ ମୌଳିକ ସାମ୍ବିଧାନିକ ଅଧିକାର। ଯେଉଁ ଦେଶର ଶିକ୍ଷା ର ବିକାଶ ଯେତେ ସେହି ଦେଶର ପ୍ରଗତି ସେତେ ଅଧିକ । କେନ୍ଦ୍ରସରକାର ଓ ରାଜ୍ୟ ସରକାରଙ୍କ ନୂତନ ଜାତୀୟ ଶିକ୍ଷା ନୀତି ଶୁଭାରମ୍ଭ ହୋଇଛି ଏହି ଶିକ୍ଷା ନୀତି ଅନୁସାରେ ଶୈକ୍ଷିକ ଢାଞ୍ଚା ୫+୩+୩+୪ ରହିଛି । ପ୍ରତ୍ୟେକ ବିଦ୍ୟାଳୟରେ ବାଲ୍ ବାଟିକା ବା ଶିଶୁ ବାଟିକା ନାମରେ ଏକ ନୂଆ ଶ୍ରେଣୀ ଖୋଲିଛି ।୫ ବର୍ଷରୁ ଉର୍ଦ୍ଧ୍ୱ ପିଲା ଅଙ୍ଗନବାଡ଼ି କେନ୍ଦ୍ରରେ ନ ରହି ପ୍ରାଥମିକ ବିଦ୍ୟାଳୟ ନାମ ଲେଖାଇବେ ଏବଂ ୫ ର୍ଷରୁ ଉର୍ଦ୍ଧ୍ୱ ସମସ୍ତ ପିଲା ବିଦ୍ୟାଳୟରେ ନାମ ଲେଖାଇ ପାରିବେ । ଏହି ଅବସରରେ ତିରିଂ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ ' ମୁଁ ବିଦ୍ୟାଳୟ ଯିବି' ଭଳି ଏକ ଅଭିନବ ଯୋଜନା ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଯେନା ଆନୁକୁଲ୍ୟରେ ଆଜି ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି ।ଏହି ଅବସରରେ ଏକ ସୁସଜ୍ଜିତ ରଥରେ ସଚେତନତା ବାର୍ତ୍ତା ଲେଖା ସହ ଡ଼ାକବାଜି ଯନ୍ତ୍ର ଦ୍ୱାରା ତିରିଂ ବ୍ଲକର ସମସ୍ତ ପଞ୍ଚାୟତ ର ଗାଁ କୁ ଗାଁ ବୁଲି ପ୍ରଚାର ଓ ପ୍ରସାର ପାଇଁ ଅତିଥିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି ।ଅତିଥିଗଣ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା ବାର୍ତ୍ତା ଲିଫଲେଟ ବଣ୍ଟନ କରିଥିଲେ ।ତଦସହ ଆସନ୍ତା ଏପ୍ରିଲ ୨ ତାରିଖ( ବୁଧବାର) ଦିନ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସମସ୍ତ ଅଭିଭାବକମାନେ ଏପ୍ରିଲ ୨ ରୁ ୫ ତାରିଖ ପର୍ଯ୍ୟନ୍ତ ନିଜ ନିଜର ପିଲାମାନଙ୍କୁ ବୟସ ଅନୁଯାୟୀ ନାମ ଲେଖାଇ ନେବା ପାଇଁ ବିଇଓ ତିରିଂ ବ୍ଲକର ସମସ୍ତ ଅଞ୍ଚଳବାସୀଙ୍କୁ ପ୍ରଶେ ଉତ୍ସବରେ ଯୋଗଦେବାପାଇଁ ଅନୁରୋଧ କରିଛନ୍ତି।

# ଆମେରିକୀୟ ଉତ୍ପାଦ ଗୁଡିକ ଉପରୁ ଟିକସ କମେଇବ ଭାରତ



**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ଆସନ୍ତା ଏପ୍ରିଲ୍ ୨ ତାରିଖରେ ଆମେରିକା ନୂଆ ଟିକସ ନୀତି ଲାଗୁ କରିବାକୁ ଯାଉଛି । ଏହି ପରିପ୍ରେକ୍ଷିରେ ଉଭୟ ଭାରତ ଓ ଆମେରିକାର ଅଧିକାରୀମାନେ ପରସ୍ପର ସହ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ଭାରତ ହାର୍ଲେ-ଡାଭିଡସନ ମୋଟରସାଇକେଲ, ବରବନ ହ୍ୱିସ୍କି ଓ କାଲିଫୋରନିଅନ ୱାଇନ ଉପରୁ ଟିକସ କମାଇବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି । ଉଭୟ ଦେଶ ପରସ୍ପର ଉପରେ ଟିକସ କମାଇ ବାଣିଜ୍ୟିକ ଅଭିବୃଦ୍ଧି ହାସଲ କରିବାକୁ ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି ।ଆପଣଙ୍କୁ ଜଣାଇରଖୁ ଯେ, ଭାରତ ସରକାର ପୂର୍ବରୁ ହାର୍ଲେ-ଡାଭିଡସନ ମୋଟରସାଇକେଲ ରପ୍ତାନୀ ଉପରେ ଟିକସ ୫୦ ପ୍ରତିଶତରୁ ହ୍ରାସ କରି ୪୦ ପ୍ରତିଶତ କରିଦେଇଥିଲେ । ବର୍ତ୍ତମାନ ହୋଇଥିବା ଆଲୋଚନାରେ ଏହି ଟିକସକୁ ଆହୁରି କମାଯିବ ବୋଲି ଆଲୋଚନା ହୋଇଛି । ଯାହାଫଳରେ ଏହି ପ୍ରିମିୟମ ବାଇକ ସୁଲଭ ମୂଲ୍ୟରେ ବଜାରରେ ଉପଲବ୍ଧ ହୋଇପରାରିବ । ସେହିଭଳି, ପୂର୍ବରୁ ବରବନ ହ୍ୱିସ୍କି ଉପରେ ଭାରତ ସରକାର ୧୫୦ ପ୍ରତିଶତ ଟିକସ ଲଗାଉଥିଲେ । ତେବେ କିଛିଦିନ ତଳେ ଏହାକୁ କମାଇ ୧୦୦ ପ୍ରତିଶତ କରିଦିଆ ଯାଇଥିଲା । ତେବେ ଆମେରିକା ପକ୍ଷରୁ ଏହି ଟିକସକୁ ଆହୁରି କମ କରିବାକୁ ଭାରତକୁ କହିଥିବା ଜଣାପଡିଛି । କାଲିଫୋରନିଅନ ୱାଇନ ଉପରୁ ମଧ ଟିକସ କମାଇବାକୁ ଉଭୟ ଦେଶ ମଧରେ ଆଲୋଚନା ହୋଇଛି ବୋଲି ଜଣାପଡିଛି । କେବଳ ଏହି ୩ଟି ଉତ୍ପାଦ ଉପରୁ ଟିକସ କମାଇବା ପାଇଁ ଆଲୋଚନା ହୋଇନାହିଁ । ଆମେରିକାରୁ ଭାରତକୁ ଆସୁଥିବା ଔଷଧ ସାମଗ୍ରୀ ତଥା ରସାୟନ ଦ୍ରବ୍ୟ ଗୁଡିକ ଉପରେ ମଧ ଟିକସ କମେଇବାକୁ ଆଲୋଚନା ହୋଇଛି । ଯଦି ଭାରତ ହାର୍ଲେ-ଡାଭିଡସନ ମୋଟରସାଇକେଲ ଉପରୁ ଟିକସ କମ କରେ ତେବେ ଏହା ଭାରତୀୟ ଗ୍ରାହକଙ୍କ ପାଇଁ ଆହୁରି ସୁଲଭ ହୋଇଯିବ । ଏହା ସହ ବରବନ ହ୍ୱିସ୍କି ଓ କାଲିଫୋରନିଅନ ୱାଇନ ମଧ ଭାରତୀୟ ଗ୍ରହକଙ୍କ ପାଇଁ ଶସ୍ତାରେ ଉପଲବ୍ଧ ହେବ । କିନ୍ତୁ ଆମେରିକୀୟ ଔଷଧ ଉତ୍ପାଦ ଗୁଡିକ ଉପରୁ ଟିକସ କମିଲେ ଭାରତୀୟ ଔଷଧ ଶିଳ୍ପ ଗୁଡିକୁ ଅନେକ କ୍ଷତି ସହିବାକୁ ପଡିବ । ସୂଚନା ମୁତାବକ, ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ଏପ୍ରିଲ ୨ ତାରିଖରେ ଏକ ନୂଆ ଟିକସ ନୀତି ଆଣିବାକୁ ଯାଉଛନ୍ତି । ଯେଉଁଥିରେ ଆମେରିକା ଉତ୍ପାଦ ଗୁଡିକ ଉପରେ ଅପର ପାର୍ଶ୍ୱର ଦେଶ ଯେତେ ପରିମାଣର ଟିକସ ଲଗାଇବେ ଆମେରିକା ସେହିଦେଶର ସମାନ ଉତ୍ପାଦ ଗୁଡିକ ଉପରେ ସେତିକି ପରିମାଣର ଟିକସ ଲଗାଇବାକୁ ଯାଉଛି । ଏମୁ ଏହି ନିୟମ ଆସିବା ପୂର୍ବରୁ ଭାରତ ଏ ଆମେରିକା ଅଧିକାରୀମାନେ ପରସ୍ପର ସହ ଆଲୋଚନା କରିଥିବା ନେଇ ଇଂରାଜୀ ଗଣମାଧମ ସଂସ୍ଥା ଇଣ୍ଡିଆ ଟୁଡେ ରିପୋର୍ଟ ପ୍ରକାଶ କରିଛି ।

# ମନୁସ୍ମୃତି କଣ ମୁଁ ଜାଣେ



**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ବହୁଜନ ସମାଜ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷା ତଥା ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ ମନୁସ୍ମୃତିକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ମାୟାବତୀ, ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମନୁସ୍ମୃତି ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ବାବା ସାହେବଙ୍କୁ ଏହା ବିଷୟରେ ପୂର୍ଣ୍ଣ ଜ୍ଞାନ ଥିଲା । ସେ ଲେଖିଛନ୍ତି ଯେ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କୁ ମନୁସ୍ମୃତିର ସମ୍ପୂର୍ଣ୍ଣ ଜ୍ଞାନ ଥିଲା । ତାଙ୍କ ଅନୁଗାମୀ ଏବଂ ବିଏସପିର ରାଷ୍ଟ୍ରୀୟ ଅଧକ୍ଷଙ୍କୁ ମଧ ଏହା ବିଷୟରେ ପୂର୍ଣ୍ଣ ଜ୍ଞାନ ଅଛି ।ସେଥିପାଇଁ ଏହି ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉଠାଇବା ଏବଂ ଦୁଃଖୀ ଏବଂ ପୀଡିତ ଲୋକଙ୍କୁ ନିଜ ଗୋଡ଼ରେ ଠିଆ ହେବାରେ ସାହାଯ୍ୟ କରିବା ପାଇଁ ବିଏସପି ପ୍ରତିଷ୍ଠା କରାଯାଇଥିଲା, ଏହା ମଧ ସର୍ବଜନବିଦିତ । ମାୟାବତୀ ଏକ୍ସରେ ଲେଖିଛନ୍ତି- ଆମେ କଂଗ୍ରେସ, ବିଜେପି କିମ୍ବା ଅନ୍ୟ କୌଣସି ଦଳକୁ ସେମାନଙ୍କ ରାଜନୈତିକ ସ୍ୱାର୍ଥ ପାଇଁ, ବିଶେଷକରି ସଂରକ୍ଷଣ ସମ୍ପର୍କରେ, ଆମ ଦେଶର ସମ୍ବିଧାନକୁ କୌଣସି ମୂଲ୍ୟରେ ପରିବର୍ତ୍ତନ କରିବାକୁ ଦେବୁ ନାହିଁ ଯଦି ଆବଶ୍ୟକ ହୁଏ, ତେବେ ବିଏସପି ଏହାର ବିରୋଧରେ ଠିଆ ହେବ । ସେ ସଂଘର୍ଷ ପାଇଁ ମଧ ପ୍ରସ୍ତୁତ। ରାଜ୍ୟରେ ଯୋଗୀ ସରକାରଙ୍କ ୮ ବର୍ଷ ପୂରଣ ହେବା ଉପରେ, ବିଏସପି ମୁଖ୍ୟ କହିଛନ୍ତି ଯେ ଏହା ସହିତ, ଉତ୍ତରପ୍ରଦେଶରେ ବିଜେପି ସରକାରଙ୍କ ୮ ବର୍ଷର ଶାସନ ଲୋକଙ୍କ ଆଶା ପୂରଣ କରିନାହିଁ । ଆଇନ ଶୃଙ୍ଖଳା ଦୃଷ୍ଟିରୁ, ପରିସ୍ଥିତି ବହୁତ ଖରାପ ହୋଇଛି, ଯାହା ଯୋଗୁଁ ଜନସାଧାରଣ ବହୁତ ଅସନ୍ତୁଷ୍ଟ । ସରକାରଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ପଡିବ ।

# ପଶ୍ଚିମବଙ୍ଗ ପାଇଁ ରାହୁଲଙ୍କ ଯୋଜନା

**କୋଲକାତା,୨୭।୩(ଏଜେନ୍ସି):** ମମତା ବାନାର୍ଜୀ ପଶ୍ଚିମବଙ୍ଗରେ ନିର୍ବାଚନୀ ଲଢ଼େଇ କେବଳ ତୃଣମୂଳ କଂଗ୍ରେସ ଏବଂ ବିଜେପି ମଧରେ ହେଉ ବୋଲି ନିଶ୍ଚିତ



କରିବାକୁ ଚେଷ୍ଟା କରୁଛନ୍ତି । ପଶ୍ଚିମବଙ୍ଗକୁ ନେଇ କଂଗ୍ରେସ ରଣନୀତି ପ୍ରସ୍ତୁତି କରୁଥିବା ବେଳେ ଦିଦିଙ୍କ ଗଡ଼ରେ ଧସେଇ ପଶିବାକୁ ରାହୁଲ ଓ ଖଡଗେ ପ୍ଲାନ୍ କରୁଛନ୍ତି । ଦିଦି ଚାହୁଛନ୍ତି ଏଥର ବିଧାନସଭା ନିର୍ବାଚନରେ ଟିଏମସି ଓ ବିଜେପି ମଧରେ ଘମାଘୋସ ଲଢେ ହେଉ । ହେଲେ ପଶ୍ଚିମବଙ୍ଗରେ କେମିତି କଂଗ୍ରେସ ସ୍ଥିତି ମଜବୁତ ହେବ ସେନେଇ ରାହୁଲ ଗାନ୍ଧୀ ବି ଯୋଜନା କରୁଛନ୍ତି । ଯାହା ଦିଦିଙ୍କୁ ଟେନସନରେ ପକାଇଲାଣି । ଜାତୀୟ ଗଣମାଧମରୁ ମିଳିଥିବା ସୂଚନା ଅନୁସାରେ, ରାହୁଲ ବଙ୍ଗକୁ ନେଇ ଖଡଗେଙ୍କ ସହ ଆଲୋଚନା କରିଛନ୍ତି । କହିଛନ୍ତି, ବଙ୍ଗରେ ଦିଦିଙ୍କ ସହ ମେଣ୍ଟ ହେବାର କୌଣସି ଆଶା ନାହିଁ । ତେଣୁ ଏମିତି ସ୍ଥିତିରେ ବଙ୍ଗରେ କଂଗ୍ରେସକୁ ମଜବୁ କରିବାକୁ ପଡ଼ିବ । ତେଣୁ ଏବେଠୁ ରଣନୀତି ପ୍ରସ୍ତୁତ କରିବାକୁ ହେବ ବୋଲି ଗୁରୁଦ୍ୱାର ବୈଠକରେ ନିଷ୍ପତ୍ତି ହୋଇଛି । ବିରୋଧୀ ଦଳ ନେତା ତଥା କଂଗ୍ରେସର ସାଂସଦ ରାହୁଲ ଗାନ୍ଧୀ । ଦେଶରେ ହେଉଥିବା ନିର୍ବାଚନ ତାଙ୍କ ଦଳ ସପକ୍ଷରେ ଯାଉନି । ହେଲେ ବଙ୍ଗକୁ ନେଇ ସେ କୁଆଡ଼େ ସ୍ୱତନ୍ତ୍ର ରଣନୀତି କରିବାକୁ ଯାଉଛନ୍ତି । ଆଉ ଏହି ରଣନୀତି ବଳରେ କଂଗ୍ରେସ ବଙ୍ଗରେ କ୍ଷମତା ଦଖଲ କରିପାରେ ବୋଲି ଚର୍ଚ୍ଚା ହେଉଛି । ଯଦି ଏମିତି ହୁଏ, ତା'ହେଲେ ଦିଦିଙ୍କୁ ଖୋଲା ମୈଦାନ ମିଳିବ ନାହିଁ । ଉଭୟ କଂଗ୍ରେସ ଓ ବିଜେପି ସହ ଲଢେଇ କରିବାକୁ ପଡ଼ିବ ଦିଦିଙ୍କୁ ।ସେପଟେ ଦିଦିଙ୍କୁ ପୂରା ଦମରେ ଚେକ୍ ଦେବାକୁ ଅଧକ୍ଷ ପଦରୁ ଅଧୀର ରଂଜନ ଚୌଧୁରୀଙ୍କୁ ହଟାଇ ଦିଆଯାଇଥିବା କୁହାଯାଉଛି ।

# 'ପାକିସ୍ତାନକୁ ପିଓକେ ଖାଲି କରିବାକୁ ହେବ'

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ପାକିସ୍ତାନକୁ ସଂଯୁକ୍ତ ରାଷ୍ଟ୍ରସୁରକ୍ଷା ପରିଷଦରେ ପୁଣି ଥରେ କଡ଼ା ତାଗିଦ୍ କରିଛି ଭାରତ । ଜାମ୍ମୁକାଶ୍ମୀର ପ୍ରସଙ୍ଗ ଠାରୁ ନେଇ ଆତଙ୍କବାଦ ଯାଏଁ ଭାରତ ପାକିସ୍ତାନକୁ କଡ଼ା ଜବାବ ଦେଇଛି । ପିଓକେରେ ପାକିସ୍ତାନ ଅବୈଧ ଭାବରେ କବଜା କରିଛି । ପାକିସ୍ତାନକୁ ପିଓକେ ଖାଲି କରିବାକୁ ହେବ ବୋଲି । ଏହା ଭାରତ ଅବିଚ୍ଛେଦ୍ୟ ଅଂଶ ବୋଲି ୟୁଏନରେ ଭାରତର ରାଷ୍ଟ୍ରଦୂତ ପି. ହରିଶ କହିଛନ୍ତି । ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ ଭାରତର ରାଷ୍ଟ୍ରଦୂତ ପରବତାନେନୀ ହରିଶ ସଫା ସଫା କରି କହି ଦେଇଛନ୍ତି କି, '' ପିଓକେ ଭାରତର ଅଂଶ । ପାକିସ୍ତାନକୁ ପିଓକେ ଖାଲି କରିବାକୁ ପଡିବ । ପାକିସ୍ତାନ ବାରମ୍ବାର ଜାମ୍ମୁକାଶ୍ମୀର ନାମ ନେଇ ତାର ନୈତିକତାକୁ ଉଲ୍ଲଘଂନ କରୁଛି । ଜାମ୍ମୁକାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଅଛି ରହିବ। ଜାମ୍ମୁକାଶ୍ମୀରର ଯେଉଁ ସବୁ ସ୍ଥାନରେ ପାକିସ୍ତାନ ଅବୈଧ କବଜା




କରିଛି ତାକୁ ଖାଲି କରିବାକୁ ପଡିବ । ୟୁଏନଏସସିରେ ଭାରତ ଆହୁରି କହିଛି, ପାକିସ୍ତାନ ସହ ଭାରତ ଭଲ ସମ୍ପର୍କ ଚାହେଁ ମାତ୍ର ଏହା ପାକିସ୍ତାନର ଦାୟିତ୍ୱ । ତାକୁ ପ୍ରଥମେ ଆତଙ୍କବାଦ ଶେଷ କରିବାକୁ ପଡିବ । ଶାନ୍ତିର ମାହୋଲ ସୃଷ୍ଟି କରିବାକୁ ହେବ ଫଳରେ ଦୁଇ ଦେଶ ମଧରେ କିଛି ଆଲୋଚନା ସମ୍ଭବ ହେବ । ସଂଯୁକ୍ତ ରାଷ୍ଟ୍ର ପରି ମଞ୍ଚରେ ପାକିସ୍ତାନ ଛୋଟମୋଟ ରାଜନୀତି ନକରୁ । ଏଠାରେ ଆମେ ପୁରୁଣା ବିବାଦ ନୁହେଁ ଶାନ୍ତିର କଥା କହୁ । ପିଓକେରେ ତାର ଅବୈଧ କବଜା କୌଣସି ପ୍ରକାର ଜାରି ରହିବ ନାହିଁ । ୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ଭାରତ ସରକାର ଧାରା ୩୭୦ ଉଚ୍ଛେଦ କରି ଜମ୍ମୁ କାଶ୍ମୀର ଉପରୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ହଟାଇ ଦେଇଥିଲେ । ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭାଜିତ ହୋଇଥିଲା । ଏହାପରେ ଭାରତ ଓ ପାକିସ୍ତାନର ସମ୍ପର୍କ ଆହୁରି ବିଗିଡିଥିଲା । କହି ରଖୁଛୁ କି, ୟୁଏନରେ ପାକିସ୍ତାନ, କାଶ୍ମୀର ପ୍ରସଙ୍ଗ ଉଠାଇବାକୁ ଲଗାତାର ପ୍ରୟାସ କରି ଆସୁଛି । ସବୁଥର ପାକିସ୍ତାନ ଲଜ୍ଜିତ ହୁଏ । ଏହି ପ୍ରସଙ୍ଗକୁ ଭାରତ ୟୁଏନରେ କଡା ଜବାବ ଦେଇଛି । ପାକିସ୍ତାନ ଦ୍ୱାରା ହେଉଥିବା ଆତଙ୍କବାଦକୁ ନେଇ ମଧ ତାଗିଦ୍ କରିଛି ଭାରତ ।

# ଜଷ୍ଟିସ ଯଶୱନ୍ତ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ପଠାଇବାକୁ ସୁପାରିଶ

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ସୋମବାର ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ଯଶୱନ୍ତ ବର୍ମାଙ୍କ ସମ୍ପର୍କରେ ଏକ ବୈଠକ କରିଥିଲେ । ଏହି ବୈଠକ ପରେ, କଲେଜିୟମ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ପଠାଇବା ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି । ତଥାପି, ଆହ୍ଲାବାଦ ହାଇକୋର୍ଟ ବାର ଆସୋସିଏସନର ସାଧାରଣ ପରିଷଦ ବୈଠକ ପରେ, ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ନ ପଠାଇବା ପାଇଁ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ନିକଟରେ ଏକ ଆବେଦନ କରାଯାଇଛି । ସୋମବାର ଦିନ ଲାଇବ୍ରେରୀ ହଲରେ ଆଲ୍ଲାହାବାଦ ହାଇକୋର୍ଟ ବାର ଆସୋସିଏସନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ୧୧ଟି ପ୍ରସ୍ତାବ ଗୃହୀତ ହୋଇଥିଲା । ହାଇକୋର୍ଟ ବାର ଆସୋସିଏସନ ଏକ ପ୍ରସ୍ତାବ ପାସ୍ କରି ମୁଖ୍ୟ ବିଚାରପତିଙ୍କ ନିକଟରେ ଦାବି କରିଛି ଯେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ସ୍ଥାନାନ୍ତରିତ କରାଯିବା ଉଚିତ୍ ନୁହେଁ । ବାର ଆସୋସିଏସନ କହିଛି ଯେ ଆହ୍ଲାବାଦ ହାଇକୋର୍ଟ ଏକ ଡମ୍ପିଂୟାର୍ଡ ନୁହେଁ । ଏହା ସହିତ, ବାର ଆସୋସିଏସନ କେନ୍ଦ୍ର ସରକାର ଏବଂ ସିଜେଆଇଙ୍କ ନିକଟରେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ଆଣିବାକୁ ଦାବି କରିଛି । ସୂଚନାଯୋଗ୍ୟ ଯେ, ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୱନ୍ତ ବର୍ମାଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆସିଛି । ତାଙ୍କ ଘରୁ ବିପୁଳ ପରିମାଣରେ ଟଙ୍କା ଆସିଥିବା ଅଭିଯୋଗ ହୋଇଛି ।

# ବାଂଲାଦେଶରେ ବିଦ୍ରୋହ ଆଶଙ୍କା

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ପାକିସ୍ତାନ ରାସ୍ତାରେ ବାଂଲାଦେଶ । ପାକିସ୍ତାନରେ ଯେପରି ସେନା ଓ ସରକାରଙ୍କ ମଧରେ ତିକ୍ତତା ଚାଲିଛି ଏବେ ସେଭଳି କିଛି ବାଂଲାଦେଶରେ ଦେଖିବାକୁ ମିଳିଲାଣି । ବାଂଲାଦେଶ ସେନା ଚାହୁଁଛି ସରକାରଙ୍କୁ ହଟାଇ ଶାସନ ଗାଦିରେ ସେନା ମୁଖ୍ୟଙ୍କୁ ବସାଇବାକୁ । ରାଜଧାନୀ ଢାକା ସମେତ ବଡ଼ ସହର ମାନଙ୍କରେ ସେନା ପଇଁତରା ମାରୁଛି,ଏପରିକି ଆର୍ମିର ବରିଷ୍ଠ ଅଧିକାରୀଙ୍କ ସହ ସେନା ମୁଖ୍ୟ ବୈଠକ ମଧ କରିଛନ୍ତି । ଏହି ସମୟରେ ଚର୍ଚ୍ଚା ଜୋର ଧରିଛି ଯେ, ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସଙ୍କ ଗାଦି ଆଉ ବେଶୀ ସମୟ ରହିବିନି। କିଛିଦିନ ତଳେ ଆର୍ମି ଚିଫ୍ ସେନାର ଏକ ଜରୁରୀ କାଳୀନ ବୈଠକ ଡାକିଥିଲେ, ଉକ୍ତ ବୈଠକରେ ୫ ଜଣ ଲେଫ୍ଟାଣ୍ଟ କର୍ଣ୍ଣେଲ, ୮ ଜଣ ମେଜର ଜେନେରାଲଙ୍କ ସହ ସ୍ୱତନ୍ତ୍ର ବ୍ରିଗେଡ୍ କମାଣ୍ଡର ଅଂଶ ଗ୍ରହଣ କରିଥିଲେ ।

# ଇଣ୍ଡିଆନ୍ ମିଲିଟାରୀ ଏକାଡେମୀରେ ଟ୍ରେନିଂ ନେବେ ମହିଳା ଅଧିକାରୀ

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ୯୨ ବର୍ଷରେ ପ୍ରଥମ ଥର । ଡେରାଡୁନ୍ ଇଣ୍ଡିଆନ୍ ମିଲିଟାରୀ ଏକାଡେମୀ ବା ଆଇଏମରେ ଟ୍ରେନିଂ ନେବେ ମହିଳା ଅଧିକାରୀ । ସୁପ୍ରିମକୋର୍ଟଙ୍କ ରାୟ ପରେ ଏବେ ଏନ୍ଡିଏରେ ଆରମ୍ଭ ହୋଇଛି ମହିଳା ଅଧିକାରୀଙ୍କ ଟ୍ରେନିଂ । ଜୁଲାଇ ୨୦୨୫ ରେ ଏନ୍ଡିଏରୁ ମହିଳା ଅଧିକାରୀଙ୍କ ପ୍ରଥମ ବ୍ୟାଚ୍ ହେବାକୁ ଯାଉଛନ୍ତି ଗ୍ରାଜୁଏଟ୍ । ଏହାପରେ ତାଙ୍କୁ ତିନୋଟି ସେନାର ଅଲଗା ଅଲଗା ଟ୍ରେନିଂ ଓ ସଂସ୍ଥାକୁ ପଠାଯିବ । ସେନାରେ ବଢିବ ଆହୁରି ମହିଳା ଅଧିକାରୀଙ୍କ ସଂଖ୍ୟା । କାରଣ ଆଇଏମ୍ଏ ଏବେ ମହିଳା ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେବାର ପ୍ରସ୍ତୁତି ଜୋରଦାର କରିଛି । ଏନ୍ଡିଏରେ ଶେଷ ପର୍ଯ୍ୟାୟରେ ଟ୍ରେନିଂ ନେଉଥିବା ୧୮ ରୁ ୮ ମହିଳା ସ୍ଥଳ ସେନାକୁ ବିକଳ୍ପ ଭାବରେ ଚୟନ କରିଛନ୍ତି । ଏହି ମହିଳା ଅଧିକାରୀଙ୍କୁ ଆଇଏମରେ ବର୍ଷେ ଟ୍ରେନିଂ ଦିଆଯିବ । ଏହାପରେ ସେମାନେ



କମିଶନ୍ ହୋଇଯିବ । ଜଣେ ଅଧିକାରୀଙ୍କ କହିବା ଅନୁସାରେ, ୨୦୨୨ ରେ ଏନ୍ଡିଏରେ ଏହି ମହିଳାମାନେ ପହଞ୍ଚିଥିଲେ । ବର୍ତ୍ତମାନ ୧୨୬ ମହିଳା ଅଧିକାରୀଙ୍କ ଟ୍ରେନିଂ ଚାଲିଛି । ୯୨ ବର୍ଷରେ ପ୍ରଥମ ଥର ହେବ ଯେତେବେଳେ ମହିଳା ଅଧିକାରୀଙ୍କୁ ଟ୍ରେନିଂ ଦିଆଯିବ । ବର୍ତ୍ତମାନ ଆଇଏମ୍ଏରେ ମହିଳା ପ୍ରଶିକ୍ଷଣ ଦିଆଯାଉନଥିଲା । ଅଗଷ୍ଟ ୨୦୨୧ ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ ମହିଳାମାନେ ମଧ ଏନ୍ଡିଏ ପରୀକ୍ଷା ଦେଇ ସେନା ଅଧିକାରୀ ହୋଇପାରିବେ । ଏହା ପୂର୍ବରୁ କିଛି ସିଲେକ୍ଟିଭ ବ୍ରାଞ୍ଚରେ ମହିଳାଙ୍କୁ ସର୍ଟ ସର୍ଭିସ କମିଶନ୍ ଅନୁସାରେ ରଖାଯାଉଥିଲା । ଏବେ ଆଇଏମରେ ମହିଳା କ୍ୟାଡେଟସ୍‌ଙ୍କୁ ରହିବାର ଅଲଗା ବ୍ୟବସ୍ଥା କରାଯିବ । ସେଭଳି ପୁରୁଷ ଓ ମହିଳା ଉଭୟଙ୍କୁ ଏକାଠି ମଧ ଟ୍ରେନିଂ ଦିଆଯିବ ।

# ଜେଡିୟୁକୁ ବିଜେପି ସହ ମିଶାଇବାକୁ ନୀତିଶଙ୍କ ଉପରେ ଚାପ ବଢୁଛି

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ନିର୍ବାଚନ ଯେତିକି ପାଖଉଛି ବିହାର ରାଜନୀତି ସେତିକି ସରଗରମ ହେଉଛି । ଅନ୍ୟ ଉପରେ ଆରୋପ ପ୍ରତ୍ୟାରୋପ ମଧ ବଢି ବଢି ଚାଲିଛି। ଏହାରି ଭିତରେ ମୁକେଶ ରୋଶନ ବଡ ବୟାନ ଦେଇଛନ୍ତି । ବିଜେପି-ଜେଡିୟୁକୁ ନେଇ ମୁକେଶ ଦେଇଥିବା ବୟାନ ଗରମ ହେଉଥିବା ରାଜନୈତିକ ମାହୋଲକୁ ଆଉ ଟିକେ ଖୋରାକ ଯୋଗାଇଛି । ଆରଜେଡି ବିଧାୟକ ମୁକେଶ ରୋଶନ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏବଂ ବିଜେପିକୁ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି, ନୀତିଶ କୁମାରଙ୍କ ମାନସିକ ଅବସ୍ଥାକୁ ବିଚାର କରି ବିଜେପି ତାଙ୍କ ଉପରେ ଚାପ ପକାଉଛି । ଆରଜେଡି ବିଧାୟକ ଦାବି କରିଛନ୍ତି, ଜେଡିୟୁକୁ ବିଜେପି ସହ ମିଶାଇବା ପାଇଁ ନୀତିଶଙ୍କ ଉପରେ ବିଜେପି ଚାପ ପକାଉଛି। କେବଳ ଏତିକି ନୁହେଁ, ନିର୍ବାଚନ ପର୍ଯ୍ୟନ୍ତ ଆଗାମୀ ୬ମାସ ପାଇଁ ବିହାରରେ ବିଜେପିର ମୁଖ୍ୟମନ୍ତ୍ରୀ କରିବା ପାଇଁ ଚାପ ପକାଯାଉଛି । ଯଦି ନୀତିଶ ଏହା ନ କରନ୍ତି, ତେବେ ବିଜେପି ତା'ର ସମର୍ଥନ ପ୍ରତ୍ୟାହାର କରିନେବା ସହ ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ ଚୌକିରୁ ହଟାଇ ଦିଆଯିବ ବୋଲି



ଚେତାବନୀ ଦିଆଯାଇଛି । ବିଧାୟକ ମୁକେଶ ରୋଶନଙ୍କ ଏହି ଦାବି ବିହାର ରାଜନୀତିକୁ ଆହୁରି ସରଗରମ କରିଛି । ଅନ୍ୟପକ୍ଷରେ, ବିହାର ସରକାରଙ୍କ ଜେଡିୟୁ କୋଟାରୁ ମନ୍ତ୍ରୀ ହୋଇଥିବା ଜମା ଖାନ କହିଛନ୍ତି, ଆରଜେଡିର ଦାବି ଭିତ୍ତିହୀନ । ସେ କହିଛନ୍ତି, ଆରଜେଡି ଷଡ଼ଯନ୍ତ୍ର କରୁଛି । ସେ ଭିତ୍ତିହୀନ ଏବଂ ମନଗଢ଼ା କଥା କହୁଛି । ଆରଜେଡି ବିଜେପି ଏବଂ ଜେଡିୟୁ ମଧରେ ଲଢ଼େଇ କରିବାକୁ ଚାହୁଁଛି । ଫାଟ ସୃଷ୍ଟି କରିବାକୁ ଚାହୁଁଛି । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ତାଙ୍କ ଉପରେ କୌଣସି ଚାପ ପକାଯାଉନାହିଁ । ମନ୍ତ୍ରୀ ଜମା ଖାନ ଆହୁରି କହିଛନ୍ତି, ଏନଡିଏ କେବଳ ନୀତିଶ କୁମାରଙ୍କ ନେତୃତ୍ୱରେ ବିଧାନସଭା ନିର୍ବାଚନ ଲଢ଼ିବ । ଏନଡିଏ ଏକଜୁଟ ରହିଛି । ନୀତିଶ କୁମାରଙ୍କ ଯେଉଁ ଦୃଷ୍ଟିକୋଣ ଅଛି, କାମ କରିବାର ଢଙ୍ଗ ଯାହା ଅନ୍ୟ କାହାରି ନାହିଁ । ବିହାରର ସର୍ବାଙ୍ଗୀନ ବିକାଶ ନୀତିଶ କୁମାରଙ୍କ ଅବଦାନ । ଏନଡିଏର ସମସ୍ତ ଦଳ ଏକାଠି ହୋଇ ବିଧାନସଭା ନିର୍ବାଚନ ଦୃଢ଼ ଭାବରେ ଲଢ଼ିବେ ।

# ଭେନେଜୁଏଲାଠୁ ତେଲ ଓ ଗ୍ୟାସ କିଣିଲେ ଆମେରିକା ଲଗାଇବ ୨୫% ଟାରିଫ

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ବିଶ୍ୱ ରାଜନୀତି ସହିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନମାନି ବିଶ୍ୱ ଅର୍ଥନୀତି ଉପରେ ପ୍ରଭାବ ଆରମ୍ଭ ହୋଇଛି । ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭର କରୁଥିବା ବିଶ୍ୱର ସେହି ଦେଶଗୁଡ଼ିକର ଅର୍ଥନୀତିକୁ ଆମେରିକା ଶୁଳ୍କ ମାଧମରେ ଟାର୍ଗେଟ କରିବା ଆରମ୍ଭ କରିଛି । ଏବେ ଟ୍ରମ୍ପ୍ ଯାହା ଘୋଷଣା କରିଛନ୍ତି ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ଭେନେଜୁଏଲା ଠାରୁ ଅଶୋଧିତ ତୈଳ କିଣୁଥିବା ବିଶ୍ୱର ଦେଶଗୁଡ଼ିକୁ ଟ୍ରମ୍ପ ସ୍ପଷ୍ଟ ସଙ୍କେତ ଦେଇଛନ୍ତି, ସେମାନଙ୍କ ଉପରେ ୨୫ ପ୍ରତିଶତ ଟିକସ ଲାଗିବ । ଏହି ଘୋଷଣା ଭାରତ ଓ ଚୀନ ଭଳି ଦେଶ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ଏହାର ଏକ କାରଣ ହେଉଛି, ଉଭୟ ଦେଶ ଭେନେଜୁଏଲାରୁ ବିପୁଳ ପରିମାଣରେ ଅଶୋଧିତ ତୈଳ କିଣୁଛନ୍ତି । ଏବେ ଆମେରିକା ରାଷ୍ଟ୍ରପତିଙ୍କ ଘୋଷଣା ପରେ ଭାରତର ଅର୍ଥନୀତି ଉପରେ ବଡ଼ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି । ଭେନେଜୁଏଲାର ଅଶୋଧିତ ତୈଳ ଆମଦାନୀ ଉପରେ ଆମେରିକା ରାଷ୍ଟ୍ରପତି ଶୁଳ୍କ ଲାଗୁ କରିବାକୁ ଘୋଷଣା କରିବା ପରଠାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବୃଦ୍ଧି ଘଟିଛି । ଏହି ପରିସଂଖ୍ୟାନ ବିଷୟରେ କହିବାକୁ ଗଲେ ଉପସାଗରୀୟ ଦେଶଗୁଡ଼ିକର ଅଶୋଧିତ ତୈଳ ବ୍ୟାରେଲ ପିଛା ୭୩ ଡଲାର ଅତିକ୍ରମ କରିଛି । ସେହିପରି ଆମେରିକାରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୦ ଡଲାର ପାଖାପାଖି ପହଞ୍ଚିଛି । ବିଶେଷଜ୍ଞ କହିଛନ୍ତି, ଭେନେଜୁଏଲା ଭଳି ଦେଶର ତୈଳ ଆମଦାନୀ ଉପରେ ଏଭଳି ନିଷ୍ପତ୍ତି ନିଆଯାଇଛି ଯାହା ଦ୍ୱାରା ଆମେରିକୀୟ ତୈଳ ଯୋଗାଣ ସର୍ବାଧିକ ହୋଇପାରିବ । ଭେନେଜୁଏଲାରୁ ଗ୍ୟାସ୍ ଓ ତେଲ କିଣୁଥିବା ଦେଶମାନେ ଆମେରିକା ସହ ବାଣିଜ୍ୟ କଲେ ୨୫ ପ୍ରତିଶତ ଶୁଳ୍କ ଦେବେ ବୋଲି ଆମେରିକା ଘୋଷଣା କରିଛି । ପଦକ୍ଷେପ ଫଳରେ ଭେନେଜୁଏଲାର ଦୁଇ ବୃହତ୍ତମ ତୈଳ ଆମଦାନୀକାରୀ ଭାରତ ଏବଂ ଚୀନର ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲାଗୁ ହୋଇପାରେ । ଟ୍ରମ୍ପ କହିଛନ୍ତି ଯେ ଏହି ଦ୍ୱିତୀୟ ଶୁଳ୍କ ଏପ୍ରିଲ ୨ ରୁ କାର୍ଯ୍ୟକାରୀ ହେବ । ଭେନେଜୁଏଲା ସହ ବ୍ୟବସାୟ କରୁଥିବା ଦେଶ ଉପରେ ଚାପ ପକାଇବା ପାଇଁ ଟ୍ରମ୍ପ ପ୍ରଶାସନ ବ୍ୟାପକ ରଣନୀତି କରୁଛନ୍ତି । ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହି 'ଦ୍ୱିତୀୟ ଶୁଳ୍କ'ର ପରିଣାମ ଭାରତକୁ ଭୋଗିବାକୁ ପଡ଼ିବ କି ? ଫାଇନାନ୍ସିଆଲ ଟାଇମ୍ସ ଅନୁଯାୟୀ, ଭେନେଜୁଏଲା ଗତବର୍ଷ ଦୈନିକ ୬,୬୦,୦ ବ୍ୟାରେଲ ଅଶୋଧିତ ତୈଳ ରପ୍ତାନି କରିଥିଲା। ଯେଉଁଥିରେ ଭାରତ, ଚୀନ୍ ଏବଂ ସ୍ପେନ୍ ଶୀର୍ଷ କ୍ରେତା ହୋଇଥିଲେ । ଭେନେଜୁଏଲାରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ଶୁଳ୍କ ଲାଗୁ କରିବାକୁ ବଜାରରେ ବଡ଼ ଧରଣର ଅସ୍ଥିରତା ସୃଷ୍ଟି କରିପାରେ । ୨୦୨୪ରେ ଭାରତ ଭେନେଜୁଏଲାର ପ୍ରାୟ ୨୨ ନିୟୁତ ବ୍ୟାରେଲ ତୈଳ ଅମେଦାନୀ କରିଥିଲା, ଯାହା କି ଏହାର ମୋଟ ଅଶୋଧିତ ତୈଳ କ୍ରୟର ପ୍ରାୟ ୧.୫ ପ୍ରତିଶତ । ରିଲାଏନ୍ସ ହେଉଛି ଭେନେଜୁଏଲାର ସବୁଠାରୁ ବଡ଼ କ୍ରେତା । ଭାରତର ସର୍ବବୃହତ ଘରୋଇ ବିଶୋଧନାଗାର ରିଲାଏନ୍ସ ୨୦୨୩ରେ ଭେନେଜୁଏଲା ତୈଳ ଆମଦାନୀ ପାଇଁ ଆମେରିକାର ଅନୁମୋଦନ ହାସଲ କରିଥିଲା ।

# ଚଣ୍ଡୀଗଡ଼ରେ ଚାଷୀଙ୍କ ଦାବି ଶୁଣିଲେ କେନ୍ଦ୍ର କୃଷିମନ୍ତ୍ରୀ

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ଆନ୍ଦୋଳନରତ ଅନ୍ନଦାତାଙ୍କ ସହ କେନ୍ଦ୍ର ସରକାରଙ୍କ ଆଲୋଚନା । ଚଣ୍ଡୀଗଡ଼ରେ ଚାଷୀଙ୍କ ସହ ଆଲୋଚନା କରିଛନ୍ତି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ । ତେବେ ବଡ଼କଥା ହେଉଛି ଆମରଣ ଅନଶନରେ ବସିଥିବା ଚାଷୀ ନେତା ଜଗଜିତ ସିଂ ଦାଲେୱାଲ ଆମ୍ବୁଲାନ୍ସରେ ଆସି କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଉଭୟ ପକ୍ଷ ମଧ୍ୟରେ ସପ୍ତମ ପର୍ଯ୍ୟାୟ ଆଲୋଚନା ହୋଇଛି । କର୍କଟ ରୋଗରେ ପୀଡ଼ିତ ୭୦ ବର୍ଷ ବୟସ୍କ ଦାଲେୱାଲ ଗତ କିଛି ମାସ ଧରି ଚାଷୀ ସମସ୍ୟା ନେଇ ପଞ୍ଜାବ ହରିୟାଣା ସୀମା ଖାନାଉରିରେ ଆମରଣ ଅନଶନରେ ବସିଛନ୍ତି । ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଲାଗି ଆଇନଗତ ଗ୍ୟାରେଣ୍ଟି ଦାବିରେ ଚାଷୀମାନେ ଦୀର୍ଘ ଦିନ ଧରି ଚଳାଇଛନ୍ତି ଆନ୍ଦୋଳନ ।

